# ପ୍ରେରିତମାନଙ୍କ କାର୍ଯ୍ୟବିବରଣୀ : ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ବହି ନେବା ସୁସମାଚାର

## ପରିଚୟ

**ଲେଖକ :**

ଖ୍ରୀଷ୍ଟଙ୍କ ଶିଷ୍ୟ ବୈଦ୍ୟ ଲୂକଙ୍କୁ ପ୍ରେରିତ ଓ ଲୂକ ଉଭୟ ସୁସମାଚାର ପୁସ୍ତକର ଲେଖକ ରୂପେ ଆଦ୍ୟ ମଣ୍ଡଳୀ ସାବ୍ୟସ୍ତ କରେ । ପ୍ରେରିତ ୧:୧-୨ ପଦରେ ପ୍ରକାଶ କରାଯାଇଛି ଯେ, ଏହି ଦୁଇଟି ପୁସ୍ତକ ଗୋଟିଏ ପୁସ୍ତକର ଦୁଇ ଭାଗ ମାତ୍ର । ପ୍ରଥମ ଭାଗ ହେଉଛି ଲୂକ ପୁସ୍ତକ । ଯାହା ଯୀଶୁଙ୍କ ଜୀବନ ଓ ସେବାକାର୍ଯ୍ୟର ପୁଙ୍ଖାନୁପୁଙ୍ଖ ବିବରଣ ପ୍ରଦାନ କରେ । ଯେତେବେଳେ ପ୍ରେରିତ ପୁସ୍ତକ ଶିଷ୍ୟମାନଙ୍କ ପ୍ରତି ତାହାଙ୍କ ଆହ୍ୱାନ ଓ ଆଦେଶ ଏବଂ ମଣ୍ଡଳୀର ଜନ୍ମ ଓ ବୃଦ୍ଧିସାଧନ ବିଷୟକ ବିସ୍ତୃତ ବିବରଣ ଉଦ୍ଧୃତ କରେ । ସେମାନେ ଏକତ୍ର ଶାସ୍ତ୍ରର ନୂତନ ନିୟମ ଆଇନ ପାଇଁ ସର୍ବବୃହତ ଅବଦାନ ପ୍ରଦାନ କରନ୍ତି, ଯାହାକି ପାଉଲଙ୍କ ଲିଖିତ ପତ୍ରାବଳୀଠାରୁ ଅଧିକ । ଖ୍ରୀଷ୍ଟଙ୍କ ଏକ ଶିଷ୍ୟ ଭାବରେ ଓ ପାଉଲଙ୍କ ଯାତ୍ରାକାଳୀନ ସାଥୀ ଭାବେ (ଫିଲିପ୍ପୀ ୧:୨୪ ଓ ୨ ତୀମଥି ୪:୧୧) ଅନୁସାରେ ଲୂକ ପ୍ରେରିତ ପୁସ୍ତକ ମଧ୍ୟରେ ବର୍ଣ୍ଣିତ ଅନେକ ଘଟଣାମାନର ସାକ୍ଷୀ ରୂପେ ଲୂକ ନିଜକୁ ସେଥିରେ ଅନ୍ତର୍ଗତ କରନ୍ତି ବୋଲି ସେ ସେହି ଶବ୍ଦ ବ୍ୟବହାର କରିଛନ୍ତି । ତଥାପି ପୁସ୍ତକର ଅବଶିଷ୍ଟାଂଶ ପାଇଁ ସେ ଏକ ବିଦ୍ୟାଅଧ୍ୟୟନ ସକାଶେ ଉପକାରୀ ହେବା ଦୃଷ୍ଟିକୋଣରୁ ଲେଖିବାକୁ ପସନ୍ଦ କଲେ ଯାହା ଆମ୍ଭମାନଙ୍କୁ ଏକ ଉତ୍ତମରୂପେ ଗବେଷଣା କରାଯିବାର ବିବରଣୀ ପ୍ରଦାନ କରୁଅଛି । ଲୂକ ତାଙ୍କର ଉଭୟ ଅଭିପ୍ରାୟ ବା ଉଦ୍ଦେଶ୍ୟ ଓ ତାଙ୍କ ଧାର୍ମିକ ଦାନ ସମୂହ ଲୂକ ୧:୧-୪ରେ ପ୍ରକାଶ କରନ୍ତି, ଯେତେବେଳେ ସେ କହନ୍ତି, ''ଆରମ୍ଭାବଧି ଯେଉଁମାନେ ଚାକ୍ଷୁଷ ସାକ୍ଷୀ ଓ ବାକ୍ୟର ପରିଚାରକ ସେମାନେ ଆମ୍ଭମାନଙ୍କୁ ସମର୍ପଣ କରିବା ଅନୁସାରେ, ଆମ୍ଭମାନଙ୍କ ମଧ୍ୟରେ ସାଧିତ ଘଟଣାବଳୀର ବିବରଣ ଅନେକେ ଶୃଙ୍ଖଳିତ ରୂପେ ଲିପିବଦ୍ଧ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି । ଅତଏବ ହେ ମାନ୍ୟବର ଥିୟଫିଲ, ଆଦ୍ୟରୁ ସମସ୍ତ ବିଷୟ ସୂକ୍ଷ୍ମ ରୂପେ ଅନୁସନ୍ଧାନ କରି ସେଥିର ଧାରାବାହିକ ବିବରଣ ଆପଣଙ୍କ ନିମନ୍ତେ ଲେଖିବାକୁ ମୁଁ ମଧ୍ୟ ବିହିତ ମନେ କଲି, ଯେପରି ଆପଣ ସେ ସମସ୍ତ ବିଷୟ ଶିକ୍ଷାପ୍ରାପ୍ତ ହୋଇଅଛନ୍ତି, ସେ ସବୁର ନିଶ୍ଚୟତା ଜ୍ଞାନ ହୋଇପାରନ୍ତି ।''

## ସମୟ :

ବିଦ୍ୱାନ ବ୍ୟକ୍ତିମାନେ ଏହି ଚିଠିକୁ ଲେଖାଯାଇଥିବା ସମୟ, ଆଦ୍ୟ ଖ୍ରୀ.ଅ. ୫୬ ଏବଂ ୨ୟ ଶତାବ୍ଦୀର ଶେଷାର୍ଦ୍ଧ ମଧ୍ୟରେ ହୋଇଥିବା ନିରୂପଣ କରନ୍ତି । ଉଭୟ ପ୍ରେରିତ ଓ ଲୂକ ପୁସ୍ତକ ଏକ ସମୟ ଓ କାଳ ମଧ୍ୟରେ ଲିଖିତ ହୋଇଥିବା ଚିତ୍ରଗୁଡ଼ିକ ମଧ୍ୟ ପ୍ରମାଣିତ ବିଷୟମାନ ଏକତ୍ର କରି ସେତେ ଆଦ୍ୟରୁ ଓ ସେତେ ପରବର୍ତ୍ତୀ ସମୟ ମଧ୍ୟରେ ବୋଲି ଅନୁମାନ କରନ୍ତି । ଏକ ପକ୍ଷରେ ଲୂକ ନିଜେ ତାଙ୍କ ପୁସ୍ତକ ଲୂକର ପ୍ରଥମ ଅଧ୍ୟାୟରେ କହନ୍ତି ଯେ, ଏହି ସମାନ ବିବରଣ ଅନ୍ୟମାନେ ମଧ୍ୟ ଲେଖିଅଛନ୍ତି । ପ୍ରାୟ ମାର୍କ ପୁସ୍ତକ, ଯାହା ପ୍ରଥମ ସୁସମାଚାର ପୁସ୍ତକର ଲେଖା ପରି ଏହା ଖ୍ରୀ.ଅ. ୫୫-୫୬ ମଧ୍ୟରେ ଲେଖା ହୋଇଥିବା ସମୟ ଉଦ୍ଧୃତ କରେ । ମାର୍କ ପୁସ୍ତକ ମଣ୍ଡଳୀ ପାଇଁ ମୂଳଭିତ୍ତିମୂଳକ ପ୍ରମାଣ ରୂପେ ଏବଂ ମାଥିଉ ଓ ଲୂକ ପୁସ୍ତକର ଲେଖକମାନଙ୍କ ସକାଶେ ତଥ୍ୟ ଯୋଗାଇବାକୁ ବିଶେଷ ଉପଯୋଗୀ ପୁସ୍ତକ ରୂପେ ବ୍ୟବହାର ହୋଇଅଛି । ସେଥିପାଇଁ ଏହା ଲୂକ ପୁସ୍ତକର ଲେଖା ପାଇଁ ପରବର୍ତ୍ତୀ ସମୟର ପ୍ରଭାବ ଆଣେ । ଅନ୍ୟ ପକ୍ଷରେ ଲୂକ ପୁସ୍ତକ ପାଉଲଙ୍କ ପତ୍ରମାନଙ୍କୁ ତଥ୍ୟ ଯୋଗାଇବା ପୁସ୍ତକ ରୂପେ ଦର୍ଶାଏ ନାହିଁ କିଅବା ଲୂକ ନିରୋଙ୍କ ସମୟର ଭୟଙ୍କର ତାଡ଼ନା ବିଷୟ ଯିରୂଶାଲମର ଧ୍ୱଂସ, ଯାକୁବଙ୍କ ମୃତ୍ୟୁ ବା ପାଉଲଙ୍କ ପ୍ରତି ତାଡ଼ନା ଓ ମୃତ୍ୟୁ (ଖ୍ରୀ.ଅ. ୫୮)ର ବୃତ୍ତାନ୍ତ ପ୍ରକାଶ କରି ନାହାନ୍ତି । ଏପ୍ରକାର ବିଷୟମାନ ଉଲ୍ଲେଖ ନ କରି ବାଦ୍ ଦେବା, ପ୍ରସ୍ତାବ ଦିଏ ଯେ, ଖ୍ରୀ.ଅ. ୬୦ର ଆଦ୍ୟ ସମୟରେ ଏହି ପୁସ୍ତକ ଲେଖାଯାଇଛି । ଆମ୍ଭେମାନେ ଯେତେବେଳେ ପ୍ରକୃତ ସମୟ ବିଷୟରେ ସପକ୍ଷ ଓ ବିପକ୍ଷ ଆଲୋଚନା କରୁ, ଏହି ପୁସ୍ତକ ନିଜେ ଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ସମୟ ପରେ ୩୦ ବର୍ଷ ସମୟ ବ୍ୟବଧାନ ରକ୍ଷା କରି ସମୟକୁ ଧାରଣ କରେ । ଏହା ପ୍ରେରିତମାନଙ୍କ କ୍ରିୟା ଓ ଶିକ୍ଷା ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କ ଜୀବନମାନଙ୍କ ଆନନ୍ଦ ଓ ଦୁଃଖ ସମୟର ଯୀଶୁଙ୍କ ସ୍ୱର୍ଗ ଗମନ ପରେ ୩୦ ବର୍ଷ ମଧ୍ୟରେ ଘଟିଥିବା ଘଟଣାମାନ ଲିପିବଦ୍ଧ କରେ । ଏହି ସମସ୍ତ ବିବରଣୀ ମଧ୍ୟରେ ଈଶ୍ୱରଙ୍କ ଲୋକମାନଙ୍କ ପ୍ରତି ତାହାଙ୍କ ବିଶ୍ୱସ୍ତତା, ଏକ ଆଶୀର୍ବାଦ ଯୁକ୍ତ ନିଶ୍ଚୟତା ମଧ୍ୟ ଆଜି ଆମ୍ଭମାନଙ୍କ ଅଛି ।

## ଦର୍ଶନ ବା ସ୍ରୋତା ମଣ୍ଡଳୀ :

ପ୍ରେରିତ ପୁସ୍ତକ ଥିଓଫିଲ ନାମକ ଏକ ବ୍ୟକ୍ତିଙ୍କ ନିକଟରେ ଉତ୍ସର୍ଗ କରିବା ସହିତ ଆରମ୍ଭ ହୁଏ, ସମ୍ଭବତଃ ଏପରି କି ସେ ହେଉଛନ୍ତି ଲୂକ ଲିଖିତ ଲେଖାର ପ୍ରକାଶକ ଯେ କି ଏକ ଉଚ୍ଚ ପଦସ୍ଥ ଅଣଯିହୁଦୀ ବ୍ୟକ୍ତି ବୋଲି ଜଣାଯାଏ । ପ୍ରେରିତ କ୍ରିୟାର ଐତିହାସିକ ମୁଖବନ୍ଧରେ, ଲୂକ ତାଙ୍କର ଲିଖିତ (ଲୂକ ପୁସ୍ତକରେ)

ଥିବା ସୁସମାଚାରକୁ ଉଦ୍ଧୃତ କରନ୍ତି  ତାହା ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟ ଓ ଶିକ୍ଷାମାଳାର ବିବରଣୀ ଦିଏ, ଆହୁରି ମଧ୍ୟ ସୁସମାଚାର କାର୍ଯ୍ୟର ବିବରଣୀ ପ୍ରକାଶ କରେ ଯାହା ଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ପରେ ଲୋକ ଲୋଚନକୁ ଆସିଲା । ସେହିଠାରୁ ସେ ଦକ୍ଷତାପୂର୍ଣ୍ଣ ଭାବେ ମଣ୍ଡଳୀର ଜନ୍ମ ମଧ୍ୟକୁ ପରିବର୍ତ୍ତିତ ହେଲେ । ଯାହା ଏକ ଶିକ୍ଷିତ ଅଣଯିହୁଦୀ ପାଠକମାନଙ୍କ ପ୍ରତି ପ୍ରଯୁଜ୍ୟ କଲେ । ଜ୍ଞାନୀମାନେ ପ୍ରସ୍ତାବ ଦେଲେ ଯେ, ଲୂକ ମଣ୍ଡଳୀର ଉଦ୍ଦେଶ୍ୟ ଓ କାର୍ଯ୍ୟକଳାପ ସ୍ପଷ୍ଟ ଭାବେ ବୁଝାଇବାକୁ ଏହା ଲେଖିଥିଲେ । ରୋମୀୟ ସରକାରଙ୍କ ବୃଦ୍ଧି ପାଉଥିବା ସନ୍ଦେହ ପାଇଁ, ଖ୍ରୀଷ୍ଟିୟାନମାନେ ବିଶୃଙ୍ଖଳା ସୃଷ୍ଟିକାରୀ ନୁହଁନ୍ତି ବୋଲି ପ୍ରକାଶ କରୁଥିବା ବ୍ୟକ୍ତିମାନେ ଅଟନ୍ତି ସେହି ସୀମାମଧ୍ୟରେ ଥିବା ସଭ୍ୟମାନଙ୍କୁ ଏଥିରେ ଅନ୍ତର୍ଗତ କରି ଯିହୁଦୀମାନଙ୍କ ନିମନ୍ତେ ସେ ଭ୍ରାନ୍ତଧାରଣା ବା ଭ୍ରାନ୍ତମତ ଓ ମିଥ୍ୟା ଶିକ୍ଷାମାନ ସଂଶୋଧନ କଲେ, ଯେତେବେଳେ ସତ୍ୟ ବିଷୟମାନ ପ୍ରତି ଦୃଷ୍ଟିପାତ କରୁଥିଲେ ଯେ, ଖ୍ରୀଷ୍ଟଧର୍ମ ଯିହୁଦୀଧର୍ମର ସଫଳତା ଓ ଯେଉଁ ଜନ ଖ୍ରୀଷ୍ଟଙ୍କୁ ମସୀହ ରୂପେ ବିରୋଧ କରନ୍ତି, ସେମାନେ ସ୍ୱୟଂ ଈଶ୍ୱରଙ୍କୁ ବିରୋଧ କରନ୍ତି ।

**ପ୍ରସଙ୍ଗ :**

ଏନ୍‌ଏସ୍‌ବି ବାଇବଲ ଅଧ୍ୟୟନ ପୁସ୍ତକ ଅନୁସାରେ, ‘‘ପ୍ରେରିତ ପୁସ୍ତକ ସୁସମାଚାରଠାରୁ ପତ୍ରାବଳୀ (ଇତିହାସ), ଯିହୁଦୀଧର୍ମରୁ ଖ୍ରୀଷ୍ଟ ଧର୍ମ (ଧର୍ମ), ବ୍ୟବସ୍ଥାରୁ ଅନୁଗ୍ରହ (ସ୍ୱର୍ଗୀୟ ବ୍ୟବହାର), କେବଳ ଯିହୁଦୀମାନଙ୍କଠାରୁ ଯିହୁଦୀ ଓ ଅଣଯିହୁଦୀ (ଈଶ୍ୱରଙ୍କ କାର୍ଯ୍ୟକ୍ରମ) ଏକ ଗତି ପରିବର୍ତ୍ତନର ଅକ୍ଷ ବା ବିଶିଷ୍ଟ କେନ୍ଦ୍ର ପୁସ୍ତକ ଅଟେ । ଏହା ସୁସମାଚାର ବିବରଣ ଓ ପତ୍ରାବଳୀ ମଧ୍ୟରେ ଏକ ସମ୍ପର୍କ ରୂପେ ସେବା କରେ ।

ପୁସ୍ତକ ଲେଖାର ଗତି ପରିବର୍ତ୍ତନ ସ୍ୱଭାବ ବ୍ୟତୀତ ଏଥିରେ ଏକ ସ୍ପଷ୍ଟ ପ୍ରସଙ୍ଗ ଅଛି – ତାହା ହେଉଛି ମଣ୍ଡଳୀର ଜନ୍ମ ଓ ପ୍ରସାରଣ । ଏହା ଯିହୁଦୀଧର୍ମରେ ଆରମ୍ଭ ହୁଏ, ଯାହାକି ଯିହୁଦୀ ଜାତିର କେନ୍ଦ୍ରସ୍ଥଳ ଓ ଏହା ରୋମରେ ଶେଷ ହୁଏ, ଯାହାକି ଅଣଯିହୁଦୀ ଜଗତରେ କେନ୍ଦ୍ର । ଏହା ଆମ୍ଭମାନଙ୍କୁ ରାଜ୍ୟର ସୀମାବଦ୍ଧ ସୁସମାଚାର ମଧ୍ୟରୁ ସର୍ବ ଜଗତକୁ ଅନୁଗ୍ରହର ସୁସମାଚାର ବ୍ୟାପିଯିବା ମଧ୍ୟଦେଇ ଚାରି ସୁସମାଚାରର ଶେଷ ପର୍ଯ୍ୟନ୍ତ ବହି ନିଏ । ପ୍ରେରିତ ପୁସ୍ତକର ଶେଷ ଆଡ଼କୁ ଆମେ ପାଠ କରୁ ଯେ, ପାଉଲ ରୋମ୍‌ରେ ପହଞ୍ଚିଲେ ।

ଅବଶ୍ୟ, ଏହା ଆମ୍ଭମାନଙ୍କ ପାଇଁ ଭୂମି ଭଙ୍ଗାପରି ଦେଖାଯାଇ ନ ପାରେ, ଯେଉଁମାନେ ଆମେ ମଣ୍ଡଳୀ ଯୁଗ ମଧ୍ୟରେ ଜନ୍ମଗ୍ରହଣ କରିଛୁ । ମାତ୍ର ଏହି ମହତ୍ତ୍ୱପୂର୍ଣ୍ଣ ଐତିହାସିକ ସମୟ ଏକ କ୍ଷୁଦ୍ର ଠିକ୍ ସ୍ଥାନରେ ଆଲୋକ ବର୍ତ୍ତିକା ଆବଶ୍ୟକ କରେ ବା ପ୍ରାପ୍ତ ହେବା ଯୋଗ୍ୟ । ଯାହାକି ତାହା ନିଜର ଏକ ପୁସ୍ତକ । ଖ୍ରୀଷ୍ଟ ଘୋଷଣା କଲେ ଯେ, ସେମାନେ ଶକ୍ତିପ୍ରାପ୍ତ ହେବେ ଓ ଭୂମଣ୍ଡଳର ଚତୁର୍ଦ୍ଦିଗରେ ସାକ୍ଷୀ ହେବେ ଯାହା

ସମ୍ପୂର୍ଣ୍ଣରୂପେ ଭବିଷ୍ୟତ୍ ବାଣୀ ଦ୍ୱାରା ପୂର୍ବରୁ କୁହାଯାଇଅଛି । ଶିଷ୍ୟମାନଙ୍କ ପ୍ରଶ୍ନ ଉପରେ, ଖ୍ରୀଷ୍ଟ ଇସ୍ରାଏମଲୀୟ ରାଜ୍ୟ ପୁନରୁଦ୍ଧାର ବିଷୟ ସମ୍ପନ୍ନ କରିବେ କି ? ପ୍ରେରିତ ଈଶ୍ୱରଙ୍କ ଉଦ୍ଦେଶ୍ୟମାନର ଏକ ଅନପେକ୍ଷିତ ପ୍ରକାଶନ । ଯଦ୍ୟପି ପିତୃପୁରୁଷମାନେ ଏକ ଆଶୀର୍ବାଦ ସ୍ୱରୂପ ସମସ୍ତ ଜାତି ପାଇଁ ହେବେ ବୋଲି ପ୍ରତିଜ୍ଞାତ ଏବଂ ଖ୍ରୀଷ୍ଟ ତାହାଙ୍କ ପବିତ୍ର ଆତ୍ମାଙ୍କୁ ଦାନ କରିବା ବିଷୟ କହିଥିଲେ ଏବଂ ସେମାନଙ୍କ ପବିତ୍ର କାର୍ଯ୍ୟଦାୟିତ୍ୱ ଉପରେ କଠୋରୀରେ ମଣ୍ଡଳୀ ଯୁଗର ଉଦ୍‌ଘାଟନ ହେଉଛି ଅନୁଗ୍ରହ ଓ ଶକ୍ତିର ଆଶ୍ଚର୍ଯ୍ୟଜନକ ବିସ୍ଫୋରଣ, ଯାହାକି ଶିଷ୍ୟମାନଙ୍କ, ସାରାଜଗତର ଓ ଏପରିକି ସ୍ୱର୍ଗସ୍ଥ ବାହିନୀଗଣର ସ୍ତମ୍ଭିଭୂତ ହେବା ବିଷୟକୁ ଅଧୀଷ୍ଠ କରେ ।

ଏହି ମହାନ୍ ପ୍ରକାଶିତ ବାକ୍ୟର କେନ୍ଦ୍ର ସ୍ଥଳରେ ପବିତ୍ର ଆତ୍ମା ଦଣ୍ଡାୟମାନ, ଯେ କି ମଣ୍ଡଳୀର ଇତିହାସ ମାଧ୍ୟମରେ ଈଶ୍ୱରଙ୍କ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟକ୍ରମ ମାନ ସଫଳ କରିବାକୁ ଆରମ୍ଭ କରିଛନ୍ତି । ସେ ପ୍ରେରିତମାନଙ୍କ କାର୍ଯ୍ୟମାନର ବିଭିନ୍ନ ଘଟଣାମାନର ମଧ୍ୟଦେଇ ସ୍ପଷ୍ଟ ରୂପେ ଆଲୋକପାତ କରନ୍ତି । ବାସ୍ତବରେ ଏହା ସେହି ପବିତ୍ର ଆତ୍ମା ଯେ କି ମଣ୍ଡଳୀର କାର୍ଯ୍ୟକଳାପମାନଙ୍କୁ ପରିଚାଳିତ କରନ୍ତି ଓ ନୂତନ ଗତିମାନ ଆରମ୍ଭ କରିବାକୁ ପ୍ରଥମ ବ୍ୟକ୍ତି ରୂପେ କାର୍ଯ୍ୟ କରନ୍ତି, ଈଶ୍ୱରଙ୍କ ଇଚ୍ଛାମାନ ଚଳାଇ ନେବା ଲାଗି । ଏହି କାରଣରୁ ଯୀଶୁ କହିଲେ, ଯୋହନ ୧୪:୧୨ରେ ‘‘ଯେଉଁମାନେ ବିଶ୍ୱାସ କରନ୍ତି ସେମାନେ ତାହାଙ୍କଠାରୁ ଅଧିକ ମହତ୍ତ୍ୱ କାର୍ଯ୍ୟମାନ ସାଧନ କରିବେ ।’’

ଆଜି, ଆମ୍ଭେମାନେ ଏହି ପ୍ରଥମ ମଣ୍ଡଳୀ ଇତିହାସକୁ ଖୋଲି ବୃଦ୍ଧିସାଧନ କରାଯିବା ଲୋକ ଅଟୁ, ଯାହା ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ରାଜ୍ୟ ପାଇଁ ଯୀଶୁଙ୍କ ପୁନରାଗମନ ମଧ୍ୟରେ ଆତ୍ମାମାନ ଲାଭ କରିଚାଲିବ । ଯେଉଁମାନେ ଈଶ୍ୱରଙ୍କ ଏହି ନିର୍ଦ୍ଦିଷ୍ଟ ଆତ୍ମାଙ୍କ ସହିତ ବାସ କରୁଥିବେ, ତାହାଙ୍କ ଦ୍ୱାରା ଚାଳିତ ଓ ଶକ୍ତିଯୁକ୍ତ ହୋଇଥିବେ ଆମେ ସୁସମାଚାର ବିସ୍ତାରିତ କରିବାରେ ଲାଗି ରହିବା ଉଚିତ ।

# ପ୍ରେରିତ ପୁସ୍ତକ

ପ୍ରଥମ ପାଠ : ୧ମ ଅଧ୍ୟାୟ

ବାକ୍ୟଟିରେ ପ୍ରସଙ୍ଗ : ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଗ୍ରହଣ କରିବାକୁ ଆଦେଶ ଦେଲେ ଓ ଏକ ପ୍ରତିଜ୍ଞା ସେମାନଙ୍କ ପାଇଁ ଛାଡ଼ି ଯାଇଛନ୍ତି ।

**ପ୍ରଥମ ଦିବସ**
**ପ୍ରେରିତ ୧:୧-୫ ପାଠ କର**

୧. ଲୂକ ୧:୧-୪ ସହିତ ପ୍ରେରିତ ୧:୧-୫ ତୁଳନା କର କାହା ନିମନ୍ତେ ଏହା ଲେଖାଯାଇଛି ଓ କାହିଁକି ଜାଣିବା ଲାଗି ।

୨. ଯୀଶୁ ତାହାଙ୍କ ପୁନରୁତ୍ଥାନ ହେବାର କେତେଦିନ ପରେ ଦେଖା ଦେଲେ ?

୩. ତାହାଙ୍କ ଅନୁଗାମୀମାନଙ୍କୁ ସେ କେଉଁ ଆଦେଶ ଦେଇଥିଲେ ?

**ଦ୍ୱିତୀୟ ଦିବସ**
**ପ୍ରେରିତ ୧:୬-୮ ପାଠ କର**

୧. ପ୍ରେରିତମାନେ ୬ଷ୍ଠ ପଦରେ ଥିବା ପ୍ରଶ୍ନ ଯୀଶୁଙ୍କୁ ପଚାରିବା ବେଳେ ସେମାନେ ମନରେ କି ପ୍ରକାର ଅନୁଭବ କରିଥିବେ ?

୨. ଯୀଶୁ ଦେଇଥିବା ଉତ୍ତର ଉପରେ ନିର୍ଭର କରି ଯୀଶୁ ସେମାନଙ୍କ ପାଇଁ କ'ଣ କରିବାକୁ ଚେଷ୍ଟା କରୁଥିଲେ ବୋଲି ତୁମେ ଭାବୁଛ ?

୩. ଏହି ପଦମାନଙ୍କରୁ ଈଶ୍ୱରଙ୍କ କେତେକ ଚାରିତ୍ରିକଗୁଣମାନ କ'ଣ ବୋଲି ଦେଖାଯାଉଛି, ସେଗୁଡ଼ିକ ତୁମ ଜୀବନ ମଧ୍ୟରେ କିପରି କଥା କହନ୍ତି ?

୪. ୮ମ ପଦ ହେଉଛି ପ୍ରେରିତ ପୁସ୍ତକର ପ୍ରସଙ୍ଗ । ତୁମ ନିଜ ଭାଷାରେ ସେଗୁଡ଼ିକ କହି ପାରିବ କି ?

୫. ଯୀଶୁ ତାହାଙ୍କ ସାକ୍ଷୀ ହେବା ପାଇଁ ବିଶ୍ୱାସୀମାନଙ୍କୁ କାହିଁକି ପସନ୍ଦ କଲେ ଭାବିଛ କି ?

**ତୃତୀୟ ଦିବସ**

**ପ୍ରେରିତ ୧:୯-୧୧ ପାଠ କର**

୧. ଯୋହନ ୭:୩୭-୩୯ ପୁନଃସ୍ମରଣ କର । ଯୀଶୁ କ'ଣ କହିଥିଲେ, ପବିତ୍ର ଆତ୍ମା ଦତ୍ତ ହେବା ପୂର୍ବେ ଘଟିବ ବୋଲି ?

୨. ଯୀଶୁ ମେଘମାଳା ମଧ୍ୟରେ ଅଦୃଶ୍ୟ ହୋଇଗଲେ ଏହା କ'ଣ ବୁଝାଇପାରେ ?

୩. ଯୀଶୁ ପୁନରାଗମନ କରିବାକୁ କି ପ୍ରକାର ପ୍ରତିଜ୍ଞା କଲେ ? (ଆହୁରି ଦେଖନ୍ତୁ ମାଥିଉ ୨୪:୩୦)

**ଚତୁର୍ଥ ଦିବସ**

**ପ୍ରେରିତ ୧:୧୨-୨୬ ପାଠ କର**

୧. ଉପର କୋଠରୀରେ କେଉଁ ଲୋକମାନେ ଏକତ୍ର ହୋଇଥିଲେ ? କାହିଁକି ସେମାନେ ଏକତ୍ର ହୋଇଥିଲେ ?

୨. ଯିହୁଦା ବିଷୟରେ ଏହି ପଦମାନ କ'ଣ କହେ ?

୩. ଶିଷ୍ୟମାନେ ଯେତେବେଳେ ଏକ ନୂତନ ନେତା ବାଛିଲେ, ସେମାନେ ଏକ ଯୋଗ୍ୟତା ପ୍ରକାଶ କଲେ ୨୧ ପଦରେ ଏବଂ ସେମାନେ ୨୪ ପଦରେ ଅନ୍ୟ ଏକ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ । ଏହା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ?

**ପଞ୍ଚମ ଦିବସ**

**ପ୍ରେରିତ ୧ ଓ ୧ କରିନ୍ଥୀୟ ୧୫:୧୭ ପାଠ କର**

୧. ଜଣେ ବିଶ୍ୱାସୀଙ୍କ ପ୍ରତି ଯୀଶୁଙ୍କ ପୁନରୁତ୍ଥାନ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ?

୨. ଏହି ପର୍ବରେ କି ପ୍ରତିଜ୍ଞାମାନ ତୁମେ ପାଉଅଛ ?

୩. ତୁମ ଲାଗି ଏହି ପ୍ରତିଜ୍ଞାମାନ କ'ଣ ବୁଝାଏ ?

**ଷଷ୍ଠ ଦିବସ**

## ୧ମ ପାଠ : ‘‘ଏକ ନୂତନ ଶକ୍ତି ଓ ଉଦ୍ଦେଶ୍ୟ ଖ୍ରୀଷ୍ଟ ଘୋଷଣା କଲେ’’

| | |
|---|---|
| ବାଇବଲ ପାଠ : | ୧ମ ଅଧ୍ୟାୟ |
| ମୁଖ୍ୟ ପଦ : | ୧:୮ ‘‘କିନ୍ତୁ ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ, ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ, ଆଉ ଯିରୂଶାଲମ, ସମସ୍ତ ଯିହୁଦା ପ୍ରଦେଶ ଓ ଶମିରୋଣ, ପୁଣି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ ।’’ |
| ପ୍ରସଙ୍ଗ ବାକ୍ୟ : | ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ଏକ ପ୍ରତିଜ୍ଞା ସହ ଛାଡ଼ିଲେ । |
| ଜୀବନର ମୌଳିକ ନିୟମ : | ଅପେକ୍ଷା କରିବାର ଏକ ଉଦ୍ଦେଶ୍ୟ ଅଛି । |

**ସାରାଂଶ :** ଲୂକ ଯେଉଁଠାରେ ଲୂକ ପୁସ୍ତକ ଲେଖିବା ଛାଡ଼ି ଦେଇଥିଲେ, ସେହିଠାରୁ ପ୍ରେରିତ ପୁସ୍ତକ ଲେଖବା ଆରମ୍ଭ କରନ୍ତି । ଏହି ନିର୍ଦ୍ଦିଷ୍ଟ ପ୍ରଥମ ପଦରେ ସେ ପ୍ରେରିତ ପୁସ୍ତକର ସ୍ପଷ୍ଟ ଭାବେ ସମ୍ପର୍କ ପୂର୍ବଭାଗ ସହିତ ରଖିଛନ୍ତି ଓ ଥିଓଫିଲଙ୍କୁ ତାଙ୍କର ଶ୍ରୋତାରୂପେ ପୁନର୍ବାର ଚିହ୍ନାଇଛନ୍ତି । ତାଙ୍କର ପ୍ରଥମ ପୁସ୍ତକକୁ ଯୀଶୁ ଯାହା ସବୁ ବିଷୟମାନ କରିବା ଓ ପ୍ରଚାର କରିବା ଆରମ୍ଭ କରିଥିଲେ ତାହାର ସାରାଂଶ ରୂପେ ଲେଖିଥିଲେ ।  ଏହା ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଅଟେ, ଏହି ସତ୍ୟ ଉପରେ ଉଚ୍ଚତର ଆଲୋକପାତ କରିଛି ଯେ, ଈଶ୍ୱରଙ୍କ କାର୍ଯ୍ୟ ଶେଷ ହୋଇଯାଇ ନ ଥିଲା । ଯେତେବେଳେ ଖ୍ରୀଷ୍ଟ ପିତାଙ୍କ ଦକ୍ଷିଣ ପାର୍ଶ୍ୱକୁ ସ୍ୱର୍ଗାରୋହଣ କଲେ । ପବିତ୍ର ଆତ୍ମାଙ୍କ ମାଧମରେ ଖ୍ରୀଷ୍ଟଙ୍କ ଶିଷ୍ୟମାନେ ଖ୍ରୀଷ୍ଟ ଯେଉଁ କାର୍ଯ୍ୟ ଆରମ୍ଭ କରିଥିଲେ, ତାହା କରିବାରେ ଲାଗିରହିଲେ । ଯାହା ତାହାଙ୍କ କନ୍ୟାଙ୍କ ପାଇଁ ଫେରିବା ପର୍ଯ୍ୟନ୍ତ ଚାଲୁ ରହିବ ।

ପରବର୍ତ୍ତୀ ସମୟରେ ଲୂକ ଦୃଢ଼ିକୃତ କରିଥିଲେ ଯେ, ପ୍ରେରିତମାନେ ଖ୍ରୀଷ୍ଟଙ୍କର ମୃତ୍ୟୁ ଉପରେ ବିଜୟ ନିଶ୍ଚୟ ବା ନିଶ୍ଚିତ ଲାଭ କରିବେ କାରଣ ତାହା ଅନେକ ବୋଧଗମ୍ୟ କରାଇବା ପ୍ରମାଣମାନ ଅଛି ଯଥା, ଅନେକଙ୍କୁ ଦେଖାଦେବା ଓ ଈଶ୍ୱରଙ୍କ ରାଜ୍ୟ ପ୍ରସଙ୍ଗ ଉପରେ ଶିକ୍ଷା ଦେବା ।

ଏଠାରେ ପ୍ରେରିତ ପୁସ୍ତକ ପାଇଁ ଏକ ଚାବି ବା କଞ୍ଚି ପ୍ରଦାନ କରନ୍ତି । ଶିଷ୍ୟମାନଙ୍କ ପ୍ରଶ୍ନ, ଇସ୍ରାଏଲର ଗୌରବମୟ ରାଜ୍ୟର ପୁନରୁଦ୍ଧାର ବିଷୟରେ ପାଇଁ ପ୍ରତ୍ୟୁତ୍ତର ଦେବାକୁ ଯାଇ ଯୀଶୁ ସେମାନଙ୍କୁ କହନ୍ତି, ‘‘କିନ୍ତୁ ପବିତ୍ର ଆତ୍ମା ତୁମ୍ଭମାନଙ୍କ ଉପରେ ଅବତୀର୍ଣ୍ଣ ହୁଅନ୍ତେ । ତୁମ୍ଭେମାନେ ଶକ୍ତିପ୍ରାପ୍ତ ହେବ ଆଉ ଯିରୂଶାଲମ,

ଯିହୁଦା ପ୍ରଦେଶ ଓ ଶମିରୋଣ ପୁଣି ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ସୁଦ୍ଧା ମୋହର ସାକ୍ଷୀ ହେବ ।'' ଏହି ମନ୍ତବ୍ୟରେ ଆମ୍ଭମାନଙ୍କ ପ୍ରେରିତ ପୁସ୍ତକ ପାଇଁ ବାହ୍ୟରେଖା ଅଛି :

୧. ଯିରୂଶାଲମ

୨. ଯିହୁଦା

୩. ଶମିରୋଣ

୪. ପୃଥିବୀର ପ୍ରାନ୍ତ ସବୁଠାରୁ ନିକାଞ୍ଚନ ସ୍ଥାନମାନ

*ଅପେକ୍ଷା କରିବାର ଉଦ୍ଦେଶ୍ୟ ଅଛି !*

# ପ୍ରେରିତ ପୁସ୍ତକ

ଦ୍ୱିତୀୟ ପାଠ : ୨ମ ଅଧ୍ୟାୟ

**ବାକ୍ୟଟିରେ ପ୍ରସଙ୍ଗ :** ପେଣ୍ଟିକଷ୍ଟ, ମଣ୍ଡଳୀର ଆରମ୍ଭର ସୂଚନା ଦିଏ ।

### ପ୍ରଥମ ଦିବସ
### ପ୍ରେରିତ ୨:୧–୧୩ ପାଠ କର

୧. ୧–୪ ପଦର ସେମାନେ କ'ଣ ଦେଖିଲେ, ଶୁଣିଲେ ଓ ପେଣ୍ଟିକଷ୍ଟ ଦିବସର ଅନୁଭୂତି କ'ଣ ବ୍ୟାଖ୍ୟା କର ।

୨. ସେହି ଦିବସରେ କେଉଁ ବିଭିନ୍ନ ପ୍ରକାରର ଲୋକମାନେ ଉପସ୍ଥିତ ଥିଲେ ?

୩. କେଉଁ ଭାଷାମାନଙ୍କରେ ସେମାନେ କଥା କହିଲେ ଯେ, ସମସ୍ତେ ବୁଝିପାରିଲେ ?

୪. ଏହି ଅସାଧାରଣ ଘଟଣା ପ୍ରତି ବିଭିନ୍ନ ଲୋକମାନଙ୍କର କେଉଁ ପ୍ରତିଉତ୍ତର ପାଇଲେ ?

### ଦ୍ୱିତୀୟ ଦିବସ
### ପ୍ରେରିତ ୨:୧–୧୩ ପାଠ କର

୧. ପବିତ୍ର ଆତ୍ମାଙ୍କ ବିଷୟରେ ଏଫିସୀୟ ୫:୧୮ରେ କି ଆଦେଶ ଅଛି ?

୨. ପବିତ୍ର ଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣତାପ୍ରାପ୍ତିର ଚିହ୍ନମାନର ତାଲିକା ଓ ବାକ୍ୟାଂଶମାନ ପ୍ରତି ନିମ୍ନରେ ଦୃଷ୍ଟିପାତ କର ।

   କ) ପ୍ରେରିତ ୪:୩୧

   ଖ) ପ୍ରେରିତ ୬:୧–୫

   ଗ) ପ୍ରେରିତ ୧୩:୮–୧୦

   ଘ) ପ୍ରେରିତ ୧୩:୫୧

୩. ଗାଲାତୀୟ ୫:୨୨–୨୩ ପାଠ କର ଓ ପବିତ୍ର ଆତ୍ମା, ବିଶ୍ୱାସୀମାନଙ୍କ ଜୀବନମାନଙ୍କରେ ଉତ୍ପନ୍ନ କରିପାରୁଥିବା ଚାରିତ୍ରିକ ଗୁଣମାନର ତାଲିକା କର ।

୪. ପବିତ୍ର ଆତ୍ମାଙ୍କ ଗୁଣମାନଙ୍କ ମଧ୍ୟରୁ ଗୋଟିଏର ତୁମେ କିପରି ଅନୁଭବ କଲ ?

**ତୃତୀୟ ଦିବସ**

**ପ୍ରେରିତ ୨:୧୪–୨୮ ପାଠ କର**

୧. ଏହି ସମୟରେ ପିତର କହିଥିବା କେଉଁ ଭବିଷ୍ୟତ୍‌ବାଣୀ ସଫଳ ହେଲା ବର୍ଣ୍ଣନା କର ।

୨. ପିତର କହିଲେ, ଯୀଶୁ ନିର୍ଦ୍ଦିଷ୍ଟ ଯୋଜନା ଓ ଈଶ୍ୱରଙ୍କ ପୂର୍ବ ଜ୍ଞାନ ଅନୁସାରେ କ୍ରୁଶାର୍ପିତ ହେଲେ'' ଏହା ଈଶ୍ୱରଙ୍କ କେଉଁ ଗୁଣ ଅଟେ ?

୩. ଯିଶାଇୟ ୫୩:୧୦–୧୧ ଅନୁସାରେ ଖ୍ରୀଷ୍ଟଙ୍କ ମୃତ୍ୟୁ ଦ୍ୱାରା କେଉଁ ବିଷୟମାନ ସାଧିତ ହେଲା ?

**ଚତୁର୍ଥ ଦିବସ**

**ପ୍ରେରିତ ୨:୧୭–୩୨ ପାଠ କର**

୧. ଶେଷଦିନମାନ ଦ୍ୱାରା କ'ଣ ବୁଝାଯାଏ ? (ଏବ୍ରୀ ୧:୧–୨ ଓ ୧ ପିତର ୧:୧୮–୨୧ ଦେଖ)

୨. ଏହି ଖଣ୍ଡବାକ୍ୟ ''ପ୍ରଭୁଙ୍କ ଦିନ'' ଦ୍ୱାରା କ'ଣ ବୁଝାଯାଏ ? (୨ ପିତର ୩:୧୦–୧୩)

୩. ଶେଷଦିନମାନଙ୍କରେ କ'ଣ ଘଟିବ ? (ପ୍ରେରିତ ୨:୧୭–୨୦)

୪. ତୁମେ ବିଶ୍ୱାସ କର କି ପବିତ୍ର ଆତ୍ମା କେବଳ ପ୍ରଚାରକ, ପାଳକ ଓ ମିଶ୍‌ନେରୀମାନଙ୍କ ପାଇଁ କିଅବା ପ୍ରତ୍ୟେକଙ୍କ ପାଇଁ ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଓ ପ୍ରଭୁ ବୋଲି ବିଶ୍ୱାସ କରିବାକୁ ପସନ୍ଦ କରନ୍ତି ?

୫. ଯୀଶୁଙ୍କ ମୃତ୍ୟୁ ପାଇଁ କାହାକୁ ଦାୟୀ ବୋଲି ପିତର ଧରନ୍ତି ?

**ପଞ୍ଚମ ଦିବସ**

**ପ୍ରେରିତ ୨:୩୩–୪୭ ପାଠ କର**

୧. ବର୍ତ୍ତମାନ ଖ୍ରୀଷ୍ଟ କେଉଁଠାରେ ?

୨. ଏହା ତୁମର ବର୍ତ୍ତମାନ ପରିବେଶକୁ କିପରି ପ୍ରଭାବିତ କରିଛି ବା କରେ ?

୩. ପିତର ସେମାନଙ୍କୁ କ'ଣ କହିଲେ ଯେତେବେଳେ ଆମ୍ଭେମାନେ କ'ଣ କରିବା ବୋଲି ସେମାନେ ପଚାରିଲେ ?

୪. ପିତର ''କୁଟିଳ ବଂଶ'' ଶବ୍ଦଗୁଡ଼ିକ ଦ୍ୱାରା, କ'ଣ ବୁଝାଇଲେ ବୋଲି ତୁମେ ଭାବୁଛ ?

୫. ଏକ କୁଟିଳ ବଂଶକୁ ତୁମେ କେଉଁ ପ୍ରକାର ଦେଖ ?

୬. କେଉଁ ସବୁ ବିଷୟ ସବୁରେ ବିଶ୍ୱାସୀମାନେ ନିଜର ଭକ୍ତି ପ୍ରଦର୍ଶନ କରନ୍ତି ?

୭. ସେମାନଙ୍କ ଭକ୍ତି ହେତୁ କେଉଁ ଆଶୀର୍ବାଦମାନ ଆସିଥାଏ ?

**ଷଷ୍ଠ ଦିବସ**

## ୨ୟ ପାଠ : "ମଣ୍ଡଳୀ ଜନ୍ମ ହୋଇଅଛି"

| | |
|---|---|
| **ବାଇବଲ ପାଠ :** | **୨ୟ ଅଧ୍ୟାୟ** |
| **ମୁଖ୍ୟ ପଦ :** | **୨:୧୭ "ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମ୍ଭମାନଙ୍କର ପୁତ୍ରକନ୍ୟାମାନେ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ, ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ ।"** |
| **ପ୍ରସଙ୍ଗ ବାକ୍ୟ :** | **ପେଣ୍ଟିକଷ୍ଟ, ମଣ୍ଡଳୀର ଆରମ୍ଭ ସୂଚାଏ ।** |
| **ଜୀବନର ମୌଳିକ ନିୟମ :** | **ଆମ୍ଭେମାନେ ଆତ୍ମାଙ୍କ ପ୍ରତ୍ୟୁତ୍ତର ଦେଲେ, ଆମେ ପରିବର୍ତ୍ତିତ ।** |

**ସାରାଂଶ :** ଯୀଶୁଙ୍କ ପ୍ରତିଜ୍ଞା ୧ ଅଧ୍ୟାୟରେ ଦିଆଯାଇଛି ଯାହା ୨ ଅଧ୍ୟାୟରେ ସଫଳ ହୋଇଅଛି, ଯେତେବେଳେ ଆମେ ପେଣ୍ଟିକଷ୍ଟ ବିଷୟ ପାଠ କରୁ । ପବିତ୍ର ଆତ୍ମା ସେମାନଙ୍କ ପ୍ରତି ଏକ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦ ତୁଲ୍ୟ ସେମାନଙ୍କ ନିକଟରେ ପ୍ରକାଶିତ ହେଲେ ଏବଂ ବିଭିନ୍ନ ଦେଶମାନଙ୍କରୁ ସେଠାରେ ଉପସ୍ଥିତ ହୋଇଥିବା ଲୋକମାନଙ୍କ ଭାଷାରେ ସେମାନଙ୍କୁ କଥା କହିବାକୁ ସକ୍ଷମ କଲେ । ସେମାନଙ୍କ ନିଜ ନିଜ ଭାଷାରେ କଥା କହୁଥିବା ଶୁଣି, ଯୀଶୁଙ୍କ ବିଷୟକ ପିତରଙ୍କ ସମ୍ବାଦ ସେମାନେ ବୁଝିପାରିଲେ । ଏହା ଥିଲା ଏକ ଶକ୍ତିପୂର୍ଣ୍ଣ ସମ୍ବାଦ, ଯାହାକି ସର୍ବ ଜାତିଗଣର ଈଶ୍ୱର ଲୋକମାନଙ୍କ ମଧ୍ୟକୁ ଏକତା ଆଣିଦେଲେ ।

ସୁସମାଚାର ପୁସ୍ତକମାନଙ୍କରେ ଆମେ ବାଙ୍ଗରା ପିତରଙ୍କ ବିଷୟ ପାଠକରୁ, ଯେ କି ପ୍ରେରିତ ପୁସ୍ତକର ସାହସିକ ପିତରଙ୍କ ସହିତ ତୁଳନା କରାଯାଇ ନ ପାରନ୍ତି । ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ ହୋଇ ତାଙ୍କର ପ୍ରଥମ ଉପଦେଶ ପ୍ରଚାର କରିବାକୁ ସୁଯୋଗ ନେଲେ ଏବଂ ସେ ଯୋୟେଲ ୨:୨୮ରୁ ଭାବବାଣୀ ସଫଳ ହୋଇଥିବା ବ୍ୟାଖ୍ୟା କଲା । ପିତରଙ୍କ ବାକ୍ୟ ସମୂହର ପ୍ରତ୍ୟୁତ୍ତରରେ ଓ ପବିତ୍ର ଆତ୍ମାଙ୍କ ବିଚରଣ ହେତୁ ୩୦୦୦ ଲୋକ ଆଜି ଜଣା ଯାଉଥିବା ତୁର୍କୀ, ମିସର (ଇଜିପ୍ଟ), ଇରାକ, ଇରାନ୍, ଆଫ୍ରିକା ଓ ଇଟାଲୀ ଦେଶରୁ ଲୋକମାନଙ୍କ ପରିବର୍ତ୍ତିତ ହୋଇ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।

ଆଦ୍ୟ ମଣ୍ଡଳୀ ଜୀବନର କାର୍ଯ୍ୟକଳାପ ଦ୍ୱାରା ଏକ ହୃଦୟ ଓ ମନର ଏକତା ଏକ ବର୍ଣ୍ଣନାନୀତ ପ୍ରେମ ପୂର୍ବକ ସେମାନଙ୍କ ସମ୍ପଳମାନରେ ପରସ୍ପରକୁ ଅଂଶୀକରି, ସେମାନଙ୍କ ଯତ୍ନ ନେଲେ । ଏହି ଆତ୍ମାପୂର୍ଣ୍ଣ

ସମ୍ପ୍ରଦାୟ ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ପ୍ରତି ଆକର୍ଷିତ କଲେ । ଆଜି ଆମ ସମ୍ପ୍ରଦାୟମାନଙ୍କରେ ଆମେ ଯଦି ଆଦ୍ୟ ଖ୍ରୀଷ୍ଟିୟାନମାନଙ୍କ ପରି ପରସ୍ପର ପ୍ରତି ବଦାନ୍ୟ ଅଟୁ, କେଉଁ ପ୍ରତ୍ୟୁତ୍ତର ଆମେ ଦେଖିପାରନ୍ତୁ ବା ଦେଖାଉଥାନ୍ତୁ ।

ପେଣ୍ଟିକଷ୍ଟ, ବିଶ୍ୱାସୀମାନଙ୍କ ଜୀବନରେ ପରିବର୍ତ୍ତିତ ଆଣିଲା ଓ ଏକ ନୂତନ ପୃଷ୍ଠା ଉନ୍ମୁକ୍ତ କଲା । ମାତ୍ର ମଣ୍ଡଳୀ, ଯିହୁଦୀ ଗତାନୁଗତିକ ପ୍ରଥା ବା ରୀତିମାନ ଓ ମନ୍ଦିର ଉପାସନାରେ ଲାଗିରହିଲେ । ଏହା ସହିତ ସେମାନେ ମଧ୍ୟ ଗୃହମାନଙ୍କରେ ଏକତ୍ର ହେଉଥିଲେ ଓ ଯୀଶୁ ସେମାନଙ୍କୁ ଦେଖାଇବା ପରି ପ୍ରଭୁଭୋଜରେ ପରସ୍ପର ଅଂଶୀ ହେଲେ । ସେମାନେ ଏକ ଯିହୁଦୀ ସ୍ରୋତା ମଣ୍ଡଳୀ ନିକଟରେ ପ୍ରଚାର କଲେ ଏବଂ ଏହି ମଣ୍ଡଳୀର ଆଦ୍ୟ ବର୍ଷମାନଙ୍କରେ ସେମାନେ ଭ୍ରମାତ୍ମକ ଭାବେ ଏଥିରେ ଶେଷ କଲେ ଯେ ଏକ ବିଶ୍ୱାସୀ ପବିତ୍ର ଆତ୍ମାଙ୍କୁ ପ୍ରାପ୍ତ ହେବା ପୂର୍ବେ ଏକ ଯିହୁଦୀରେ ପରିଣତ ହେବ । ସମ୍ଭବତଃ ସେମାନେ ଯୀଶୁଙ୍କ ଶେଷ ବାକ୍ୟମାନ ଭୁଲିଗଲେ (ପ୍ରେରିତ ୧:୮) ''ସମସ୍ତ ଜଗତ ମଧ୍ୟକୁ ଯାଅ'' । ଏହି ତାଡ଼ନା ସ୍ତିଫାନ୍‌ଙ୍କ ସହ ଆରମ୍ଭ କଲା ଓ ବିଶ୍ୱାସୀମାନଙ୍କୁ ସମିରୋଣ ଓ ଏହା ଅତିକ୍ରମ କରି ଅନ୍ୟ ସ୍ଥାନରୁ ବାହାର କରି ଦେଲା ।

*ଆମ୍ଭେମାନେ ଯେବେ ପବିତ୍ର ଆତ୍ମାଙ୍କୁ ପ୍ରତ୍ୟୁତ୍ତର ଦେଉ । ଆମ୍ଭେମାନେ ପରିବର୍ତ୍ତିତ ଅଟୁ ।*

# ପ୍ରେରିତ ପୁସ୍ତକ

ତୃତୀୟ ପାଠ : ୩-୪ ଅଧ୍ୟାୟ

**ବାକ୍ୟଟିରେ ପ୍ରସଙ୍ଗ :** ପିତରଙ୍କ ଉପଦେଶ ଶକ୍ତି, ତାଡ଼ନା ଓ ଏକତ୍ର ପ୍ରାର୍ଥନା ଆଣିଲା ।

ପ୍ରଥମ ଦିବସ

**ପ୍ରେରିତ ୩:୧-୧୧ ପାଠ କର**

୧. ପିତର ଓ ଯୋହନ କେଉଁଠାରେ ଥିଲେ ଓ ସେମାନଙ୍କୁ ଭିକ୍ଷୁକ କିପରି ଦୃଷ୍ଟିପାତ କଲା ?

୨. କେଉଁ ଶକ୍ତି ଦ୍ୱାରା ପିତର ଛୋଟା ଲୋକକୁ ସୁସ୍ଥ କଲେ ?

୩. ଲୋକମାନଙ୍କଠାରୁ ବିଭିନ୍ନ ପ୍ରତିକ୍ରିୟାମାନ କ'ଣ ?

ଦ୍ୱିତୀୟ ଦିବସ

**ପ୍ରେରିତ ୩:୧୨-୨୬ ପାଠ କର**

୧. ଯେତେବେଳେ ପିତର ମହାଜନତାଙ୍କୁ ଯୀଶୁଙ୍କ ବିଷୟ ବ୍ୟାଖ୍ୟା କରିବା ସୁଯୋଗ ନେଲେ କେଉଁ ପଦଗୁଡ଼ିକ ଦର୍ଶାଏ ଯେ, ସେ ଈଶ୍ୱରଙ୍କୁ ସମସ୍ତ ଗୌରବ ଦେଇଥିଲେ ?

୨. ୩:୧୬ ପଦରେ ଥିବା ''ତାହାଙ୍କ ନାମରେ ବିଶ୍ୱାସ'' ଖଣ୍ଡ ବାକ୍ୟଟି କ'ଣ ବୁଝାଏ ବୋଲି ତୁମେ ଚିନ୍ତା କରୁଅଛ ?

୩. ଆମ୍ଭେମାନେ କେଉଁଠାରେ ସତେଜତା ପାଇବା ? ତୁମ ଜୀବନରେ ସତ୍ୟ ହେବାକୁ କିପରି ପାଇଅଛ ?

୪. ଏହି ପଦଗୁଡ଼ିକ ଅନୁସାରେ ଏବିଷୟରେ ଭାବବାଦୀମାନେ କ'ଣ କହିଲେ ?

୫. ଅବ୍ରହାମ ଓ ଭାବବାଦୀମାନଙ୍କ ମାଧ୍ୟମରେ କେଉଁ ପ୍ରତିଜ୍ଞା ବା ଚୁକ୍ତି ଅନ୍ୟମାନଙ୍କୁ ବଢ଼ାଇ ଦେବାକୁ ଆମ୍ଭମାନଙ୍କୁ ଆଶୀର୍ବାଦ ଯୁକ୍ତ କରି ବଢ଼ାଇ ଦିଆଯାଇଛି ।

ତୃତୀୟ ଦିବସ

**ପ୍ରେରିତ ୪:୧-୧୨ ପାଠ କର**

୧. ପୁନରୁତ୍ଥାନ ବିଷୟ ଶୁଣିବାରୁ ଲୋକମାନେ କିପରି ପ୍ରତିକ୍ରିୟା ଦେଖାଇଲେ ?

୨. ପିତର ଓ ଯୋହନଙ୍କୁ କ'ଣ ଘଟିଲା ?

୩. ପିତରଙ୍କୁ କଥା କହିବାକୁ କେଉଁ ବିଷୟ ଶକ୍ତି ପ୍ରଦାନ କଲା ?

୪. ସେହି ସମାନ ଶକ୍ତି ଈଶ୍ୱର ଆପଣଙ୍କୁ ଦେଇଛନ୍ତି କି ?

**ଚତୁର୍ଥ ଦିବସ**
**ପ୍ରେରିତ ୪:୧–୨୨ ପାଠ କର**

୧. ପବିତ୍ର ଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣତାପ୍ରାପ୍ତ ହେବାର ଫଳାଫଳ କ'ଣ ଥିଲା ?

୨. କେଉଁ ପଦମାନ ଦର୍ଶାଏ ଯେ, ଯୀଶୁ କେବଳ ଜଗତରେ ପରିତ୍ରାଣର ପଥ ଅଟନ୍ତି ?

୩. ମନବୃତ୍ତି ଓ କାର୍ଯ୍ୟକଳାପ ବର୍ଣ୍ଣନା କର ।

କ)ପିତର ଓ ଯୋନଙ୍କର

ଖ)ଲୋକମାନଙ୍କର

ଗ)ଅଧିକାର ପ୍ରାପ୍ତ ବ୍ୟକ୍ତିମାନଙ୍କ ସ୍ଥାନରେ ଥିବା ଲୋକମାନଙ୍କର

**ପଞ୍ଚମ ଦିବସ**
**ପ୍ରେରିତ ୪:୨୩–୩୭ ପାଠ କର**

୧. ବିଶ୍ୱାସୀମାନେ କ'ଣ ପାଇଁ ଈଶ୍ୱରଙ୍କର ପ୍ରଶଂସା କରିଥିଲେ ?

୨. ଏହି ପ୍ରାର୍ଥନାରେ ସ୍ୱୀକାରୋକ୍ତି ଓ ଏକ ଅନୁରୋଧ ପାଉଛ କି ?

୩. ଈଶ୍ୱର କିପରି ସେମାନଙ୍କ ପ୍ରାର୍ଥନାଗୁଡ଼ିକର ଉତ୍ତର ଦେଲେ ?

୪. ତୁମ ପ୍ରାର୍ଥନାର ଉତ୍ତର ଈଶ୍ୱର କିପରି ଦେଇଛନ୍ତି ?

୫. ତୁମେ ବିଶ୍ୱାସ କର କି, ଯୀଶୁଙ୍କ ନାମରେ ବିଶ୍ୱାସ ଦ୍ୱାରା, ସୁସ୍ଥତା ଅଛି ?

**ଷଷ୍ଠ ଦିବସ**

## ୩ୟ ପାଠ : ''ସାହସିକତା ପାଇଁ ମଣ୍ଡଳୀ ପ୍ରାର୍ଥନା କରେ''

| | |
|---|---|
| ବାଇବଲ ପାଠ : | ୩ ଓ ୪ ଅଧ୍ୟାୟ |
| ମୁଖ୍ୟ ପଦ : | ପ୍ରେରିତ ୪:୧୨ ''ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁନ୍ତ କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ ।'' |
| ପ୍ରସଙ୍ଗ ବାକ୍ୟ : | ପିତରଙ୍କ ଉପଦେଶ, ତାଡ଼ନା, ଶକ୍ତି ଓ ଏକତ୍ରିତ ପ୍ରାର୍ଥନାମାନ ଆଣେ । |
| ଜୀବନର ମୌଳିକ ନିୟମ : | ପବିତ୍ର ଆତ୍ମାଠାରୁ ସାହସିକତା ଆମର କଥା, ବନ୍ଧୁତା ପ୍ରର୍ଥନାମାନ ଏବଂଆମର ମନୋବୃତ୍ତିକୁ ପ୍ରଭାବିତ କରେ । |

**ସାରାଂଶ :** ପ୍ରେରିତ ୩-୭ରେ ମଣ୍ଡଳୀ, ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ଶରୀର ଓ ଆତ୍ମର ସୁସ୍ଥତାରେ ଓ ଖ୍ରୀଷ୍ଟ ପୁନରୁତ୍ଥିତ ଏହା ସର୍ବସାକ୍ଷାତରେ ଘୋଷଣା ଦ୍ୱାରା ଅନେକ ସମୟରେ ଅନୁସରଣ କରାଯାଏ । ଏହାର ଏକ ଉଦାହରଣ ହେଉଛି ୩ ଅଧ୍ୟାୟ ୧-୯ ପଦରେ ଥିବା ଖଞ୍ଜ ଲୋକର ସୁସ୍ଥତା । ଲୋକଟି ସୁସ୍ଥ କରାଗଲା ଶାରୀରିକ ଭାବେ, ତତ୍‌କ୍ଷଣାତ ଈଶ୍ୱରଙ୍କ ଗୌରବ ଘୋଷଣା କରିବାରେ ସେ ବିଷୟ କହି ଚାଲିଲା । ଯେତେବେଳେ ସେ ଏହା କଲେ, ଲୋକମାନେ ଆଚମ୍ୱିତ ହେଲେ ଓ ସେ ଯେ ଖଞ୍ଜ ଥିଲା ତାହାକୁ ଚିହ୍ନିଲେ । ପିତର ଏହି ସୁଯୋଗ ନେଲେ ଓ ସତ୍ୟତା ବ୍ୟାଖ୍ୟା କରିବା ପାଇଁ, ପୁରାତନକାଳରେ ଭବିଷ୍ୟତ୍‌ବକ୍ତାମାନଙ୍କ ଦ୍ୱାରା ଯେଉଁ ସତ୍ୟ ଘୋଷଣା କରାଯାଇଥିଲା ଏବଂ ସେ କ୍ରୁଶାର୍ପିତ ଈଶ୍ୱରଙ୍କ ପୁତ୍ରଙ୍କୁ ଏଥିରେ ପ୍ରଦର୍ଶନ କଲେ । ସେ ଏକ ନିମନ୍ତ୍ରଣ ଅବା ମନଫେରଣ ଆହ୍ୱାନ ପ୍ରଦାନ କଲେ ଏବଂ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ଘୋଷଣା କଲେ ।

୪ର୍ଥ ଅଧ୍ୟାୟ, ସାଦ୍ଦୁକୀ ଓ ଫାରୂଶୀ ଉଭୟଙ୍କୁ ପିତରଙ୍କ ପ୍ରଚାରିତ ମୃତମାନଙ୍କ ପୁନରୁତ୍ଥାନ ବିଷୟ ଓ ଲୋକମାନଙ୍କୁ ଏହା ଶିକ୍ଷା ଦେବା ଉଦ୍ଦେଶ୍ୟକୁ ଅଗ୍ରାହ୍ୟ କରିବାଠାରୁ ଆରମ୍ଭ ହୁଏ । ସେମାନେ ପିତର ଓ ଯୋହନଙ୍କୁ କାରାଗାରରେ ରଖିଲେ । ତଥାପି ସେହିଦିନ ପ୍ରାୟ ୫୦୦୦ ଲୋକ ବିଶ୍ୱାସ କରିବାକୁ ଆସିଲେ ।

ଯେତେବେଳେ ଶାସକମାନେ, ଶାସ୍ତ୍ରୀମାନେ ଓ ପ୍ରାଚୀନମାନେ ପିତର ଓ ଯୋହନଙ୍କୁ ପରିବର୍ତ୍ତି ଦିନ ପ୍ରଶ୍ନ ପଚାରିଲେ, ପିତର ଏକ ତୃତୀୟ ଉପଦେଶ ସହିତ ପ୍ରତ୍ୟୁତ୍ତର ଦେଲେ । ଏହା ସଂକ୍ଷେପ, ମାତ୍ର ପବିତ୍ର

ଆତ୍ମାଙ୍କ ଦ୍ୱାରା ଶକ୍ତିପୂର୍ଣ୍ଣ ଭାବରେ ନିର୍ଦ୍ଦେଶିତ ହୋଇଥିଲା । ୧୩ ପଦ କହେ ଯେ, ଧର୍ମନେତାମାନେ ''ପିତର ଓ ଯୋହନଙ୍କ ସାହସ ଦେଖି ଏବଂ ସେମାନେ ଯେ, ଅଶିକ୍ଷିତ ଓ ଅଜ୍ଞାତ ଲୋକ, ଏହା ବୁଝି ଚମତ୍କୃତ ହେଲେ । ପୁଣି ସେମାନେ ଯୀଶୁଙ୍କ ସଙ୍ଗରେ ଥିଲେ ବୋଲି ସେମାନଙ୍କୁ ଚିହ୍ନିଲେ'' । ଆମ ମଧ୍ୟରେ ବାସ କରୁଥିବା ଈଶ୍ୱରଙ୍କ ଯଥେଷ୍ଟ ପରିମାଣ ସକ୍ଷମତାର ଏକ ଶକ୍ତିଶାଳୀ ମନ୍ତବ୍ୟ । ଆମ୍ଭେମାନେ ଯୀଶୁଙ୍କ ସହିତ ରହିଆସୁଅଛୁ ବୋଲି ଲୋକମାନେ କ'ଣ ଦେଖନ୍ତି କି ?

ପିତର ଯୋହନ ମୁକ୍ତ କରାଗଲେ ଓ ଭାଇମାନଙ୍କ ପାଖକୁ ତତ୍କ୍ଷଣାତ୍ ଗଲେ ଏବଂ ସେମାନଙ୍କ ହୃଦୟମାନ ପ୍ରାର୍ଥନାରେ ଏକତ୍ର ଭାବେ ଉପରେ ତୋଳି ଧରିଲେ । ପ୍ରଶଂସା ଓ ଭକ୍ତିର ସହ ଆରମ୍ଭ ହୋଇଛି । ସେମାନେ ଈଶ୍ୱରଙ୍କ ଆୟତ୍ତାଧୀନ ଓ ସର୍ବଭୌମତା ସମସ୍ତ ଜାତି, ନେତା ଓ ଘଟଣାମାନର ଉପରେ ସ୍ୱୀକାର କଲେ, ସେମାନେ ଅନୁରୋଧ କଲେ ଯେ, ସେ ତାହାଙ୍କର ଶକ୍ତିଶାଳୀ ହସ୍ତ ଓ ବାକ୍ୟମାନ ସେମାନଙ୍କ ଅନ୍ୟମାନଙ୍କ ଜୀବନମାନଙ୍କରେ ବିସ୍ତାରିତ କରିବେ ଯେପରି ଅନ୍ୟମାନେ ତାହାଙ୍କୁ ଜାଣିବେ । ଯେତେବେଳେ ବିଶ୍ୱାସୀମାନେ ଏକତ୍ର ହେଲେ ହୃଦୟ ଓ ମନରେ ସେମାନେ ନିଜ ନିଜକୁ ଈଶ୍ୱରଙ୍କ ନିକଟରେ ଉତ୍ସର୍ଗ କଲେ ଏବଂ ସେମାନେ ସମସ୍ତେ ତାହାଙ୍କ ରାଜ୍ୟ ଉଦ୍ଦେଶ୍ୟମାନ ପାଇଁ ବ୍ୟବହାର ଯୋଗ୍ୟ ଅସ୍ତ୍ର ରୂପେ ବିବେଚିତ ହେବେ । ଏହି ବହୁମୂଲ୍ୟ ଅନ୍ତରଙ୍ଗ ଭାଇମାନଙ୍କ ସମ୍ପ୍ରଦାୟକୁ ଯେଉଁମାନେ ଲକ୍ଷ୍ୟ କରୁଥିଲେ, ସେମାନେ ଈଶ୍ୱରଙ୍କଠାରୁ ଆମ ପାଖକୁ ଈଶ୍ୱରଙ୍କ ଓ ସହାୟତା ଓ ଆଶୀର୍ବାଦନର ପରିବ୍ୟାପ୍ତ ହେବ । ମନ ପରିବର୍ତ୍ତନରେ ଆଦେଶ ଦେଖିଲେ ।

***ପବିତ୍ର ଆତ୍ମାଙ୍କଠାରୁ ସାହସିକତା, ଆମର କଥା, ସଙ୍ଗତି ଓ ପ୍ରାର୍ଥନା***
***ଏବଂ ଆମର ସମ୍ପଦମାନଙ୍କ ଆଡ଼କୁ ଆମ ମନୋବୃତ୍ତିକୁ ପ୍ରଭାବିତ କରେ ।***

# ପ୍ରେରିତ ପୁସ୍ତକ

ଚତୁର୍ଥ ପାଠ : ୫-୭ ଅଧ୍ୟାୟ

**ବାକ୍ୟଟିରେ ପ୍ରସଙ୍ଗ :** ଆଦ୍ୟ ମଣ୍ଡଳୀର ନିମନ୍ତେ ପରୀକ୍ଷାମାନ ଭିତରୁ ଓ ବାହାରୁ ଉଭୟରୁ ଆସୁଥିଲା ।

## ପ୍ରଥମ ଦିବସ
**ପ୍ରେରିତ ୫:୧-୧୬ ପାଠ କର**

୧. ହନାନୀୟ କ'ଣ କଲା ? ତାହାର ସ୍ତ୍ରୀ ସମ୍ମତି ଦେଲା କି ?

୨. କେଉଁ ପଦ ଆମ୍ଭମାନଙ୍କୁ କହେ ଯେ, ହନାନୀୟ ଓ ସଫିରା ପବିତ୍ର ଆତ୍ମାଙ୍କ ନିକଟରେ ମିଥ୍ୟା କହିଲେ ?

୩. ଯୋହନ ୧୫:୨୬-୨୭ରେ ପବିତ୍ର ଆତ୍ମା କେଉଁ ନାମରେ ନାମିତ ?

୪. ଏହି ଅନୁଭୂତିରୁ ଈଶ୍ୱରଙ୍କ ବିଷୟରେ ଆମ୍ଭେମାନେ କ'ଣ ଶିଖିପାରିବା ?

୫. ୧୨-୧୬ ପଦରେ ଲୋକମାନଙ୍କ ମଧ୍ୟରେ ଅନେକ ଆଶ୍ଚର୍ଯ୍ୟକର୍ମମାନ ହେଉଥିବା ଆମେ ପାଠ କରୁ । ଆଜି କେଉଁ ପ୍ରକାର ଆଶ୍ଚର୍ଯ୍ୟକର୍ମମାନ ହେଉଅଛି ଓ ଫଳାଫଳମାନ କ'ଣ ?

## ଦ୍ୱିତୀୟ ଦିବସ
**ପ୍ରେରିତ ୫:୧୭-୪୬ ପାଠ କର**

୧. ଶାସକଗଣଠାରେ କେଉଁ ମନୋବୃତ୍ତିମାନ ତୁମେ ଦେଖିଥାଅ ?

୨. ପ୍ରେରିତମାନେ କିପରି ସେମାନଙ୍କ ପ୍ରେମ ଓ ବିଶ୍ୱସ୍ତତା ଖ୍ରୀଷ୍ଟଙ୍କ ପାଇଁ ପ୍ରଦର୍ଶନ କରନ୍ତି ?

୩. ପ୍ରେରିତମାନଙ୍କର କାହିଁକି ଯୀଶୁଙ୍କ ବିଷୟରେ ସାକ୍ଷୀ ହେବା, ଯିହୁଦୀ ବ୍ୟବହାର ବାଧ୍ୟ ହେବା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ? (ପ୍ରେରିତ ୫:୩୦-୩୨) ।

୪. ବିରୋଧ ବିଷୟରେ ଏହି ପଦମାନ କ'ଣ କହନ୍ତି ?

   କ) ଫିଲିପ୍ପୀୟ ୧:୨୩

   ଖ) ତୀମଥି ୩:୧୨

୫. ୪୧ ଓ ୪୨ ପଦରେ ପ୍ରେରିତମାନଙ୍କ ମନୋବୃତ୍ତି କ'ଣ ଥିଲା ?

**ତୃତୀୟ ଦିବସ**

**ପ୍ରେରିତ ୬:୧–୧୦ ପାଠ କର**

୧. କେଉଁ ସମସ୍ୟା ଉପୁଜିଲା ଓ କିପରି ସମାଧାନ ଦିଆଗଲା ?

୨. ମଣ୍ଡଳୀର ପ୍ରଥମ ଦିକନମାନଙ୍କ ଯୋଗ୍ୟତାମାନ ବର୍ଣ୍ଣନା କର ?

୩. ସ୍ତିଫାନଙ୍କ ଚାରିତ୍ରିକ ଗୁଣମାନର ତାଲିକା କର ।

୪. କେଉଁ ଗୁଣ ତୁମେ ଧାରଣ କରିବାକୁ ଚାହଁ ?

**ଚତୁର୍ଥ ଦିବସ**

**ପ୍ରେରିତ ୬:୧୧–୧୫ ପାଠ କର**

୧. ସ୍ତିଫାନଙ୍କ ବିରୁଦ୍ଧରେ ଲୋକମାନେ କେଉଁ ଅଭିଯୋଗମାନ କଲେ ?

୨. ଏହି ପରିସ୍ଥିତିମାନଙ୍କ ପ୍ରତି ଆମ୍ଭମାନଙ୍କ କେଉଁ ପ୍ରତ୍ୟୁତ୍ତର ଦେବା ଉଚିତ ସେ ବିଷୟରେ ଲୂକ ୧୨:୧୧ ଓ ମାଥିଉ ୧୦:୧୯–୨୦ କ'ଣ କହେ ?

୩. ସ୍ତିଫାନଙ୍କ ମୁଖ ଦୂତଙ୍କ ମୁଖ ସଦୃଶ ଉଜ୍ଜ୍ୱଳ କାହିଁକି ହୋଇଗଲା ବୋଲି ତୁମେ ଭାବୁଛ ?

**ପଞ୍ଚମ ଦିବସ**

**ପ୍ରେରିତ ୭ ଅଧ୍ୟାୟ ପାଠ କର**

୧. ଏହି ନିମ୍ନଲିଖିତ ପଦଗୁଡ଼ିକରେ ସ୍ତିଫାନଙ୍କ ଦ୍ୱାରା ଉପସ୍ଥାପିତ ଗୁରୁତ୍ୱପୂର୍ଣ୍ଣ ଭାବଧାରାମାନ ତାଲିକା କର ।

   କ) ପ୍ରେରିତ ୭:୧–୩୮

   ଖ) ପ୍ରେରିତ ୭:୩୯–୫୦

   ଗ) ପ୍ରେରିତ ୭:୫୧–୫୩

୨. ଈଶ୍ୱର କିପରି ସ୍ତିଫାନଙ୍କୁ ଆଶ୍ୱାସନା ଦେଲେ ?

୩. ତାଙ୍କୁ ପ୍ରସ୍ତରାଘାତ କରୁଥିବା ଲୋକମାନଙ୍କ ବସ୍ତ୍ର କିଏ ରଖିଥିଲେ ?

୪. ସ୍ତିଫାନ କାହା ନିକଟରେ ପ୍ରାର୍ଥନା କଲେ ପ୍ରେରିତ ୭:୫୯ରେ ?

**ଷଷ୍ଠ ଦିବସ**

## ୪ର୍ଥ ପାଠ :  ''ବ୍ୟଥାମାନ ବୃଦ୍ଧି ପାଇବ''

| | |
|---|---|
| ବାଇବଲ ପାଠ : | ୭ – ୭ ଅଧ୍ୟାୟ |
| ମୁଖ୍ୟ ପଦ : | ପ୍ରେରିତ ୫:୨୯ ''ମନୁଷ୍ୟମାନଙ୍କ ଆଜ୍ଞା ଅପେକ୍ଷା ବରଂ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଆମର କର୍ତ୍ତବ୍ୟ ।'' |
| ପ୍ରସଙ୍ଗ ବାକ୍ୟ : | ଆଦ୍ୟ ମଣ୍ଡଳୀ ପ୍ରତି ଭିତରେ ଓ ବାହାରେ ପରୀକ୍ଷାମାନ ଅଛି । |
| ଜୀବନର ମୌଳିକ ନିୟମ : | ଆତ୍ମିକ ବିରୋଧ, ଫଳ ଆଣିବାକୁ ତାହାଙ୍କ ଶକ୍ତି ଆମଠାରେ ଓ ଆମର ଆତ୍ମିକ ଚେରମାନ ଗଭୀରତା ମଧ୍ୟକୁ ନେବାକୁ ସେବା କରେ । |

**ସାରାଂଶ :** ଘନିଷ୍ଠତାରେ ସମ୍ପ୍ରଦାୟ ଆନନ୍ଦ ଉପଭୋଗ କରୁଥିବା ଏହି ଆଦ୍ୟ ମଣ୍ଡଳୀର ହନାନୀୟ ଓ ସଫିରାଙ୍କ ବିଶ୍ୱାସଘାତକତା ପୂର୍ଣ୍ଣ ପ୍ରତାରଣା ଦ୍ୱାରା ଅତିଶୟ ଭୟ ପାଇଲେ, ଏହି ବିବରଣୀ ଆମ୍ଭମାନଙ୍କୁ ଦର୍ଶାଏ ଯେ, ଆମେ ବାହ୍ୟିକଭାବେ ଉତ୍ତମ ଦେଖାଯାଇପାରୁ, ମାତ୍ର ଈଶ୍ୱର ଆମ ଭିତର ଦେଖନ୍ତି ଓ ସେ ସତ୍ୟ ବିଚାରକ ଅଟନ୍ତି । ଏହି ହଠାତ୍ ପାପ ପାଇଁ ବିଚାର ଯାହା ମଣ୍ଡଳୀରେ ତାହାର ଶୈଶବାବସ୍ଥାରେ ଘଟିଥିଲା ସାଧାରଣ ଭାବେ ଏକ ପରିଷ୍କୃତକାରୀ କାର୍ଯ୍ୟ ରୂପେ ଚିନ୍ତା କରାଗଲା । ନିଶ୍ଚିତ ଭାବେ ଏହା ଆମ୍ଭମାନଙ୍କୁ ସଚେତନ କରାଏ ଯେ, ଈଶ୍ୱର ଆମ ପାପକୁ କେତେ ସାଂଘାତିକ ରୂପେ ନିଅନ୍ତି । ୫:୧୧ରେ ଏହା କହେ, ସେଥିରେ ସମୁଦାୟ ମଣ୍ଡଳୀ ଓ ଯେତେ ଲୋକ ଏହି ସବୁ ବିଷୟ ଶୁଣିଲେ, ସେମାନେ ସମସ୍ତେ ଅତିଶୟ ଭୟ ପାଇଲେ ।'' ତଥାପି ଏହି ଭୟ ବ୍ୟତୀତ, ଏହା ହେତୁ ଅନେକେ ସଂଖ୍ୟକ ଲୋକ ଯିରୂଶାଲମ ମଣ୍ଡଳୀରେ ସଂଯୁକ୍ତ ହେଲେ ।

ଏହି ବିସ୍ତୃତଭାବେ ଈଶ୍ୱରଙ୍କ ପ୍ରତି ଫେରିବା, ଧର୍ମ ନେତାମାନଙ୍କ ହିଂସା ଆଲୋଚିତ କଲା । ସେମାନେ ପ୍ରେରିତମାନଙ୍କୁ କାରାଗାର ମଧ୍ୟରେ ରଖିଲେ ମାତ୍ର ଈଶ୍ୱର ଏକ ଆଶ୍ଚର୍ଯ୍ୟକର୍ମ ସାଧନ କଲେ ସେମାନଙ୍କ ମୁକ୍ତ ହେବାରେ ଓ ସେମାନଙ୍କୁ ପ୍ରଚାର କରିବାକୁ ମନ୍ଦିରକୁ ପଠାଇଲେ । ଏହି ଜଗତ ସମ୍ବନ୍ଧୀୟ ସମସ୍ତ ସମ୍ବାଦ କହିବାକୁ'' (ପ୍ରେରିତ ୫:୨୦) । ବ୍ୟବସ୍ଥାପକ ସଭା ସେମାନଙ୍କ ମନ୍ଦିରରେ ଆବିଷ୍କାର କଲେ ଓ ଧର୍ମନେତାମାନଙ୍କ ବିରୁଦ୍ଧରେ ବିଦ୍ରୋହ ଦେଖାଗଲା ଯେତେବେଳେ ସେମାନଙ୍କୁ ପ୍ରଧାନ ଯାଜକଙ୍କ ସମ୍ମୁଖରେ ଠିଆ ହେବାକୁ ଫେରାଇ ଅଣାଗଲା । ଯେ କି ସେମାନଙ୍କ ଶିକ୍ଷା ଦେବା ଉପରେ ସେମାନଙ୍କୁ ପ୍ରଶ୍ନ କଲେ । ପିତର ଓ ପ୍ରେରିତମାନେ ଏକ ମତରେ ଏକତ୍ର ଉତ୍ତର ଦେଲେ ଯେ, ''ମନୁଷ୍ୟମାନଙ୍କର ଆଜ୍ଞା ଅପେକ୍ଷା ବରଂ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା କର୍ତ୍ତବ୍ୟ'' (ପ୍ରେରିତ ୫:୨୯) । ଖ୍ରୀଷ୍ଟଙ୍କ ପ୍ରତି ଯେପରି ସେମାନେ କରିଅଛନ୍ତି ସେମାନଙ୍କୁ

ବରଂ ବଧ କରିବା ଉଚିତ ବୋଲି ଭାବିବା ବେଳେ ବ୍ୟବସ୍ଥାପକ ସଭା ସେତେବେଳେ ଗମଲିୟେଲ ନାମକ ଜଣେ ଈଶ୍ୱର ଭୟକାରୀ ବୁଦ୍ଧିମାନ ବ୍ୟକ୍ତିଙ୍କ ପରାମର୍ଶର ଅନୁଗାମୀ ହେଲେ, ସେ କହିଲେ, ''ଆପଣମାନେ ଏହି ଲୋକମାନଙ୍କ ପ୍ରତି କିଛି ନ କରି ସେମାନଙ୍କୁ ଛାଡ଼ି ଦିଅନ୍ତୁ କାରଣ ଏହି ମନ୍ତ୍ରଣା ବା ଏହି କର୍ମ ଯଦି ମନୁଷ୍ୟଠାରୁ ହୋଇଥାଏ ତାହା ହେଲେ ତାହା ଉଚ୍ଛିନ୍ନ ହୋଇଯିବ । କିନ୍ତୁ ଯଦି ତାହା ଈଶ୍ୱରଙ୍କଠାରୁ ହୋଇଥାଏ ତା' ହେଲେ ଆପଣମାନେ ସେମାନଙ୍କୁ ଉଚ୍ଛିନ୍ନ କରିବାକୁ ସମର୍ଥ ହେବେ ନାହିଁ । କାଳେ ଆପଣମାନେ ଈଶ୍ୱରଙ୍କ ବିରୁଦ୍ଧରେ ଯୁଦ୍ଧ କରୁଅଛନ୍ତି ବୋଲି ଦେଖାଯିବ'' (ପ୍ରେରିତ ୫:୩୮-୩୯) । ସମସ୍ତେ ତାଙ୍କ କଥାରେ ସମ୍ମତ ହେଲେ ପୁଣି ପ୍ରେରିତମାନଙ୍କୁ ସଭା ନିକଟକୁ ଡକାଯାଇ ତାଙ୍କୁ ପ୍ରହାରିତ କରି ସେମାନଙ୍କୁ ନାନା ଧମକପୂର୍ଣ୍ଣ କଥା କହି ଛାଡ଼ି ଦିଆଗଲା ।

ବିବରଣୀର ସର୍ବୋତ୍ତମ ଅଂଶ ହେଉଛି, ପ୍ରେରିତମାନଙ୍କ ଦ୍ୱାରା ଆନନ୍ଦ କରିବା ପ୍ରଦର୍ଶିତ ହେଲା । ସେମାନେ ଆନନ୍ଦ କଲେ ଯେ, ସେମାନେ ଖ୍ରୀଷ୍ଟଙ୍କ ସକାଶେ କ୍ଳେଶଭୋଗ କରିବାକୁ ଯୋଗ୍ୟ ବିବେଚତ ହେଲେ । ତୁମେ କେବେ ଖ୍ରୀଷ୍ଟଙ୍କ କଷ୍ଟର ଅଂଶୀ ହେବାକୁ ଆନନ୍ଦ ବୋଲି ବିବେଚନା କରକି ? ଏହା ଆମ ଜଗତରେ ଏହା ଏକ ଅସାଧାରଣ ପ୍ରତ୍ୟୁତ୍ତର ଏବଂ ଏକରିକି ବିଶ୍ୱାସୀମାନଙ୍କ ମଧ୍ୟରେ ଅସ୍ୱାଭାବିକ, ମାତ୍ର ଏହା ପବିତ୍ର ଆତ୍ମାଙ୍କ ଶକ୍ତି ଦ୍ୱାରା ସାଧନ କରାଯାଇ ପାରେ, ଏହି ସମାନ ପବିତ୍ର ଆତ୍ମା ଆଜି ସମସ୍ତ ବିଶ୍ୱାସୀମାନଙ୍କ ମଧ୍ୟରେ ପ୍ରେରିତମାନଙ୍କ ଜୀବନ ମଧ୍ୟରେ ପ୍ରେରିତମାନଙ୍କ ଜୀବନ ମଧ୍ୟରେ ନମ୍ରତା ଓ ଆନନ୍ଦ ଜାଗ୍ରତ କଲା । ସେ ଶକ୍ତି ଯୋଗାଇବାରେ ଚାଳକ ହେବାରେ, ଆଦେଶ ଚାଳନା ଦେବାରେ, କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାରେ, ଶକ୍ତିଯୁକ୍ତ କରିବାରେ ଓ ଯୋଗାଯୋଗ ଜୀବନ ଯାପନ କରିବାକୁ ଦେଉଛନ୍ତି । ସେ ସବୁକିଛି କରନ୍ତି ! ଆମର ଅଂଶ ହେଉଛି, ଆମେ ତାଙ୍କର ବ୍ୟବହାର ଯୋଗ୍ୟ ହେବାକୁ ତାଙ୍କ ହସ୍ତରେ ମିଳିପାରିବା । ତାଙ୍କ ଅସ୍ତ୍ର ହେବାକୁ, ତାହାଙ୍କ ଇଚ୍ଛାନୁସାରେ ଯିବା ଓ ଆମ ମୁଖ ଖୋଲିବା, ସେ ଆମକୁ ଯେଉଁଠାରେ ରଖନ୍ତି ସେ ପରିସ୍ଥିତି ମଧ୍ୟରେ ଉପକାର ବା ସୁଯୋଗ ନେବା ଓ ସେଥିପାଇଁ ପ୍ରସ୍ତୁତ ହେବା (ପବିତ୍ର ଆତ୍ମାଙ୍କ କାର୍ଯ୍ୟମାନ ପ୍ରତି ଅଧିକ ଆଭ୍ୟନ୍ତରୀଣ ଦୃଷ୍ଟି ପକାଇବା ପାଇଁ ଯୋହନ ୧୪ ତାହା ସହିତ ୧୬ ଅଧ୍ୟାୟ ପାଠ କରନ୍ତୁ) ।

୬ ଅଧ୍ୟାୟରେ ଗ୍ରୀକ୍ ଭାଷାବାଦୀ ବିଧବାମାନଙ୍କୁ ଉପେକ୍ଷା କରାଯାଉଥିଲା ଓ ଅଭିଯୋଗମାନ ଶିଷ୍ୟମାନେ ବରଂ ଅନୁରୋଧ କଲେ ଯେ, ଆମ୍ଭେମାନେ ଏହି କାର୍ଯ୍ୟରେ ନିଯୁକ୍ତ କରିପାରୁ, ଏପରି ସୁଖ୍ୟାତି ସମ୍ପନ୍ନ ଏବଂ ଆତ୍ମା ଓ ଜ୍ଞାନରେ ପରିପୂର୍ଣ୍ଣ ସାତ ଜଣଙ୍କୁ ଆପଣମାନଙ୍କ ମଧ୍ୟରୁ ବାଛି ସ୍ଥିର କରନ୍ତୁ, କିନ୍ତୁ ଆମ୍ଭେମାନେ ପ୍ରାର୍ଥନାରେ ଓ ବାକ୍ୟ ପରିଚର୍ଯ୍ୟାରେ ଏକାଗ୍ର ଭାବରେ ସ୍ଥିର ରହିବା ।'' ଏହି କଥା ସମସ୍ତ ସମ୍ପ୍ରଦାୟ ନିକଟରେ ସ୍ୱୀକୃତି ହେଲା ଏବଂ ଫଳରେ ''ଈଶ୍ୱରଙ୍କ ବାକ୍ୟ ବ୍ୟାପିବାକୁ ଲାଗିଲା ଓ ଶିଷ୍ୟମାନଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଲା ।''

ଏହି ଶାସ୍ତ୍ରାଂଶଟି ପ୍ରାୟ ଅନେକ ସମୟରେ ଆତ୍ମିକ ଦାନଗୁଡ଼ିକ ପରିପ୍ରେକ୍ଷୀରେ ଉଦ୍ଧୃତ କରାଯାଏ । ଆମ୍ଭେମାନେ ପାଠ କରୁ ଯେ, ପ୍ରେରିତମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ଆତ୍ମିକ ଦାନମାନ ଓ ଭୂମିକାମାନ ଅନୁସାରେ ଆପଣାମାନଙ୍କୁ ଉତ୍ସର୍ଗ କରିଥିଲେ ଓ ଅନ୍ୟମାନେ ସେମାନଙ୍କ ବିଶେଷ ଦାନମାନକୁ ବ୍ୟବହାର କରିବାକୁ ସୁଯୋଗ ଦିଆଗଲା । ଅନେକେ ବିଶ୍ୱାସ କରନ୍ତି ଯେ, ପାଳକୀୟ ଲୋକମାନେ ମଣ୍ଡଳୀର ବା ମାଣ୍ଡଳିକ ଜୀବନ ସହିତ ସମ୍ପୃକ୍ତ ସମସ୍ତ କାର୍ଯ୍ୟର ଯତ୍ନ ନେବା ଉଚିତ । ମାତ୍ର ୧ ପିତର ଆମ୍ଭମାନଙ୍କୁ କହେ ଯେ, ''ପ୍ରତ୍ୟେକ ଜଣ ଏକ ବିଶେଷ ଦାନ ପାଇଅଛ'' । କେବେ ବିବେଚନା କରିଛ କି ଈଶ୍ୱର ଆମ୍ଭମାନଙ୍କୁ ଏକ ସ୍ୱତନ୍ତ୍ର ପଥରେ ଦାନ ଦେଇଛନ୍ତି ଓ ଯେଉଁ ଭୂମିକା ଦେଇଅଛନ୍ତି, ଆମ୍ଭମାନଙ୍କୁ ଈଶ୍ୱରଙ୍କ ଶରୀର (ମଣ୍ଡଳୀ) ମଧ୍ୟରେ ତାହା ବ୍ୟବହାର କରବାକୁ ହେବ ।

ସ୍ତିଫାନ ପବିତ୍ର ଆତ୍ମାଙ୍କ ଦ୍ୱାରା ''ମେଜଭୋଜରେ ସେବା'' କରିବା ଲୋକମାନଙ୍କ ମଧ୍ୟରେ ଜଣେ ଭାବରେ ମନୋନୀତ କରାଗଲେ । ଯଥେଷ୍ଟ ଆଗ୍ରହ ସହକାରେ କୁହାଯାଏ, ସେ ମଧ ଥିଲେ ସ୍ତିଫାନ ଏବଂ ଜ୍ଞାନ ତାଙ୍କୁ ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିଲା । ଯାହା ସ୍ୱାଧୀନଚେତାମାନଙ୍କ ସମାଜ ଗୃହର ଈର୍ଷାନ୍ୱିତ ଦଳକୁ ଉତ୍ତେଜିତ କରାଇଲା । ସେମାନେ ତାଙ୍କୁ ଈଶ୍ୱର ନିନ୍ଦା କରୁଛନ୍ତି କହି ଦୋଷାରୋପ କଲେ ଓ ମିଥ୍ୟା ସାକ୍ଷୀମାନଙ୍କୁ ସମ୍ମୁଖକୁ ଆଣିଲେ ସେ ଏକ ୫୨ ପଦ ଥିବା ଉପଦେଶ ପରିବେଷଣ କଲେ ଯାହା ସେମାନେ ଶୀଘ୍ର କାଟି ପକାଇଲେ ଯେତେବେଳେ ଈଶ୍ୱରଙ୍କ ପରିପ୍ରକାଶ ତାଙ୍କ ଉପରେ ପଡ଼ିଲା ଓ ସମସ୍ତେ ତାହା ଦେଖିଲେ । ଈଶ୍ୱରଙ୍କ ସ୍ପଷ୍ଟ ଉପସ୍ଥିତିକୁ ଅସମ୍ମାନତାର ସେମାନେ କର୍ଣ୍ଣ ବନ୍ଦ କରି ତାଙ୍କୁ ନଗରରୁ ଘୋଷାଡ଼ି ନେଇ ତାଙ୍କୁ ପ୍ରସ୍ତରାଘାତ କଲେ ମୃତ୍ୟୁଭୋଗ କରିବା ପର୍ଯ୍ୟନ୍ତ ସେ ପ୍ରସ୍ତରାଘାତ କରାଯିବା ସମୟରେ ସେ ଖ୍ରୀଷ୍ଟଙ୍କ ଆଦର୍ଶର ଅନୁଗମନ କଲେ ଓ ସେମାନଙ୍କ ବିରୁଦ୍ଧରେ ଏହି ପାପର ଦୋଷ ନ ଧରିବା ପାଇଁ ଅନୁରୋଧ ପ୍ରାର୍ଥନା କଲେ । ଏହିପରି ସ୍ତିଫାନ ଈଶ୍ୱରଙ୍କର ଦ୍ୱାରା ସମ୍ମାନିତ ହେଲେ ଆଦ୍ୟ ମଣ୍ଡଳୀର ପ୍ରଥମ ସାକ୍ଷମର ଭାବେ ।

*ଆତ୍ମିକ ବିରୋଧ, ଫଳ ଉତ୍ପନ୍ନ କରିବାକୁ, ଶକ୍ତିବୃଦ୍ଧି କରିବାକୁ କାର୍ଯ୍ୟ କରେ*
*ଏବଂ ଆମ ଆତ୍ମିକ ଚେରକୁ ଗଭୀରତା ମଧ୍ୟକୁ ନିଏ ।*

# ପ୍ରେରିତ ପୁସ୍ତକ

ପଞ୍ଚମ ପାଠ : ୮–୯ ଅଧ୍ୟାୟ

**ବାକ୍ୟଟିରେ ପ୍ରସଙ୍ଗ :** ସ୍ତିଫାନଙ୍କ ମୃତ୍ୟୁ ମହା ତାଡ଼ନାର ସୂତ୍ରପାତକରେ ଓ ସୁସମାଚାର ବିସ୍ତାରିତ ହୁଏ ।

**ପ୍ରଥମ ଦିବସ**
**ପ୍ରେରିତ ୮:୧–୮ ପାଠ କର**

୧. ତାଡ଼ନାର ଫଳ ସ୍ୱରୂପ କ'ଣ ଉତ୍ତମ ବିଷୟମାନ ଆସିଛି ଯାହାକି ସ୍ତିଫାନଙ୍କ ପ୍ରସ୍ତରାଘାତର ମୃତ୍ୟୁ ପରେ ଆରମ୍ଭ ହୋଇଥିଲା ?

୨. ତୁମେ ଫିଲିପ୍ପଙ୍କ ''ଅମଳ'' ବା ''ଶସ୍ୟ କାଟିବା'' କୁ କ'ଣ ବା କିପରି ଭାବୁଛ, ଯାହା ଅନ୍ୟମାନେ ଶମିରୋଣରେ ଅନ୍ୟମାନେ ବପନ କରି ସାରିଥିଲେ ? (ଯୋହନ ୪:୩୯–୪୨ ମଧ୍ୟ ଦେଖନ୍ତୁ) ।

୩. ଯେଉଁମାନେ ତୁମଠାରୁ ଓ ତୁମ ସଂସ୍କୃତିରୁ ବହୁତ ଭିନ୍ନ, ସେପରି ଲୋକମାନଙ୍କ ଆଡ଼କୁ ତୁମକୁ ଯିବାକୁ ଯଦି ଈଶ୍ୱର ଚାଳନା ଦିଅନ୍ତି, କେଉଁ କାର୍ଯ୍ୟକଳାପ କରିବାକୁ ତୁମକୁ ଚାଳିତ କରାନ୍ତି ?

**ଦ୍ୱିତୀୟ ଦିବସ**
**ପ୍ରେରିତ ୮:୯–୧୦ ପାଠ କର**

୧. ବିଶ୍ୱାସୀମାନେ ଯେତେବେଳେ ବିଭିନ୍ନ ଅଞ୍ଚଳମାନଙ୍କରେ ଛିନ୍ନ ଭିନ୍ନ ହୋଇଥିଲେ ସେମାନେ କ'ଣ କରିଥିଲେ ?

୨. ତୁମର ବିଶ୍ୱାସ ଓ ବିରୋଧ ଅନୁଭୂତିର ସେମାନଙ୍କୁ ଅଂଶୀ କରିଛ କି ?

୩. ଫିଲିପ୍ପ କେଉଁଠାରେ ନିଜକୁ ପାଇଲେ ଓ ନପୁଂସକଙ୍କର ଆତ୍ମିକ ଅବସ୍ଥା କ'ଣ ଥିଲା ?

୪. ଯିଶାଇୟ ୫୩:୩–୬ ପାଠ କର ଓ ଯେଉଁଠାରେ 'ଆମ୍ଭମାନଙ୍କ' ଓ 'ଆମ୍ଭକୁ' ଶବ୍ଦମାନ ଅଛି, ତାହା ପରିବର୍ତ୍ତେ ତୁମ ନାମ ସେଠାରେ ବସାଅ ।

**ତୃତୀୟ ଓ ଚତୁର୍ଥ ଦିବସ**

**ପ୍ରେରିତ ୯:୧–୧୯, ୨୨:୧–୧୬, ୨୬:୯–୧୯ ପାଠ କର**

୧. ପାଉଲଙ୍କ ପରିବର୍ତ୍ତନ ବିଷୟରେ ତୁମ୍ଭେ ଏହି ଶାସ୍ତ୍ରାଂଶମାନଙ୍କରେ କ'ଣ ପାଅ ?

କ) ଆଲୋକ

ଖ) ଏକ ସ୍ୱର

ଗ) ଖ୍ରୀଷ୍ଟଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟ ମାନ

୨. କେଉଁ ସବୁ ବିଷୟ ସେମାନଙ୍କ ମସ୍ତିକଗତ ଦକ୍ଷତାକୁ ନଷ୍ଟ କରିଦେଲା କିଅବା ତୁମଠାରେ ଗ୍ରହଣୀୟ କାରଣ ବର୍ତ୍ତମାନ ତୁମେ ଯୀଶୁଙ୍କୁ ଜାଣ ?

୩. ହନାନୀୟଙ୍କ ପ୍ରତି ଈଶ୍ୱରଙ୍କ ଆହ୍ୱାନରୁ ଓ ଆହ୍ୱାନରେ ତାଙ୍କ ପ୍ରତିକ୍ରିୟା ଦ୍ୱାରା ତୁମ୍ଭେ ଏକ ଶିକ୍ଷାଲାଭ କର କି ?

**ପଞ୍ଚମ ଦିବସ**

**ପ୍ରେରିତ ୯:୨୦–୩୨ ଓ ଗାଲାତୀୟ ୧:୧୧–୨୪ ପାଠ କର**

୧. ପାଉଲ ଦମ୍ମେସକ ଛାଡ଼ିଲା ପରେ କୁଆଡ଼େ ଗଲେ ଓ କେତେ ସମୟ ପାଇଁ ?

୨. ଶାଉଲଙ୍କ ପାଇଁ ଈଶ୍ୱରଙ୍କ ସେବାକାର୍ଯ୍ୟ ଦେଖିବା ଲାଗି ପ୍ରେରିତ ୯:୧୫, ରୋମୀୟ ୧:୫ ଓ ଗାଲାତୀୟ ୧:୧୬ ପ୍ରତି ଦୃଷ୍ଟିପାତ କର ।

୩. ପାଉଲଙ୍କୁ ସାହାଯ୍ୟ କରିବାକୁ ବର୍ଣ୍ଣବ୍‌ବା କି ପ୍ରକାର ବିପଦସଙ୍କୁଳ ଦାୟିତ୍ୱପୂର୍ଣ୍ଣ ଓ ସ୍ୱାର୍ଥତ୍ୟାଗ କରିବା ହସ୍ତଗତ କଲେ ବା ଗ୍ରହଣ କଲେ ?

୪. ଯିରୂଶାଲମରେ ପ୍ରଥମ ରହିବା ବେଳେ ପାଉଲଙ୍କ ପ୍ରତି କ'ଣ ଘଟିଲା ?

୫. ବୃଦ୍ଧିଲାଭ କରୁଥିବା ମଣ୍ଡଳୀ କେଉଁ ଚାରିତ୍ରିକ ଗୁଣବିଶିଷ୍ଟ ଅଟେ ?

୬. ବୃଦ୍ଧିଲାଭ କରୁଥିବା ମଣ୍ଡଳୀର ଏହି ଗୁଣମାନର କେଉଁ ଗୁଣାମାନ ତୁମେ ଏହି ସପ୍ତାହରେ ତୁମ ଜୀବନରେ ବୃଦ୍ଧି ପାଇବା ଉପରେ ତୁମର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଚାହଁ ?

**ଷଷ୍ଠ ଦିବସ**

## ୫ମ ପାଠ : "ବନ୍ଧନ ମୁକ୍ତ"

| | |
|---|---|
| **ବାଇବଲ ପାଠ :** | **୭ – ୭ ଅଧ୍ୟାୟ** |
| **ମୁଖ୍ୟ ପଦ :** | **ପ୍ରେରିତ ୮:୪ "ସେଥିରେ ଯେଉଁମାନେ ଛିନ୍ନଭିନ୍ନ ହୋଇଥିଲେ, ସେମାନେ ଚତୁର୍ଦ୍ଦିଗରେ ଭ୍ରମଣ କରୁ କରୁ ସୁସମାଚାରର ବାକ୍ୟ ପ୍ରଚାର କଲେ ।"** |
| **ପ୍ରସଙ୍ଗ ବାକ୍ୟ :** | **ସ୍ତିଫାନଙ୍କ ମୃତ୍ୟୁ ମହାତାଡ଼ନା ଆରମ୍ଭ ବା ସୂତ୍ରପାତ କଲେ ଏବଂ ସୁସମାଚାର ସମ୍ବାଦ ବିସ୍ତାରିତ ହୁଏ ।** |
| **ଜୀବନର ମୌଳିକ ନିୟମ :** | **ଏପରିକି ତାଡ଼ନାରେ, ଈଶ୍ୱର ଆମର ବାଧ୍ୟତାକୁ ରୁଦ୍ଧ ହୃଦୟମାନ ଖୋଲିବା ଲାଗି ବ୍ୟବହାର କରିପାରନ୍ତି ।** |

**ସାରାଂଶ :** ସମୟ ସମୟରେ ଏହା ବୁଝିପାରିବା କଷ୍ଟକର ହୋଇପାରେ । ମାତ୍ର ଈଶ୍ୱରଙ୍କ ଗୌରବ ଓ ଉଦ୍ଦେଶ୍ୟ, ସ୍ତିଫାନଙ୍କ ମୃତ୍ୟୁରେ ଉପସ୍ଥିତ । ଏହା ତାଡ଼ନାର ଏକ ମହା ତରଙ୍ଗ ଖ୍ରୀଷ୍ଟିୟାନମାନଙ୍କୁ ଯିରୂଶାଲମ ବାହାରେ ଖ୍ରୀଷ୍ଟଙ୍କ ପାଇଁ ସାକ୍ଷୀ ହେବାକୁ ଯିହୂଦା ପ୍ରଦେଶ, ଶମିରୋଣ ମଧ୍ୟ ଦେଇ ଏପରିକି ଜଗତରେ ଛିନ୍ନ ଭିନ୍ନ ହୋଇଯିବାକୁ ଯାତ୍ରା ଆରମ୍ଭ କରିବାକୁ ଦେଲା (ପ୍ରେରିତ ୧:୮) । ତାଡ଼ନାର ଅନ୍ଧକାର, ଈଶ୍ୱରଙ୍କ ଆଲୋକ ଜଗତକୁ ଆଣିବାରେ ତ୍ୱରାନ୍ୱିତ କରିବାକୁ ସାହାଯ୍ୟ କରିଥିଲା । ଏହା କୁହାଯାଇଛି ଯେ, ସାଧୁମାନଙ୍କ ମୃତ୍ୟୁ ମଣ୍ଡଳୀର ବୀଜ । ଇତିହାସ ପ୍ରମାଣିତ କରିଛି ଯେ, ଯେଉଁଠାରେ ବିଶ୍ୱସ୍ତ ମନୁଷ୍ୟମାନେ ଓ ମହିଳାମାନେ ସେମାନଙ୍କ ବିଶ୍ୱାସ ପାଇଁ ମୃତ୍ୟୁଭୋଗ କଲେ ସୁଦ୍ଧା ମଣ୍ଡଳୀ ବୃଦ୍ଧି ପାଏ । ଆସନ୍ତୁ ପ୍ରାର୍ଥନା କରିବା ଯେ, ଈଶ୍ୱର ଆମ୍ଭମାନଙ୍କ ବିଶ୍ୱାସ ବଢ଼ାଇ ଦେବେ, ଯେପରି ଆମ୍ଭେମାନେ ତାହାଙ୍କ ସକ୍ଷମତା ଉପରେ ନିର୍ଭର କରେ ଅନ୍ଧକାର ମଧ୍ୟରୁ ଆଲୋକ ଆଣିବେ ବୋଲି ଭରସା କରିବା ।

ଯଦିବା ସେ ସମୟରେ ସେ ଏହା ଜାଣି ନ ଥିଲେ, ଯେ ଫାରୂଶୀ ଶାଉଲ ଏହି ଜଗତରେ ଈଶ୍ୱରଙ୍କ ପ୍ରଚାର କାର୍ଯ୍ୟ ପାଇଁ ସର୍ବବୃହତ୍ତ ଅସ୍ତ୍ରମାନଙ୍କ ମଧ୍ୟରୁ ଗୋଟିଏ ଥିଲା । ସେ ଥିଲେ ସ୍ତିଫାନଙ୍କ ଜୀବନକୁ ଶେଷ ଅବସ୍ଥାକୁ ଆଣିବାକୁ ଯେଉଁ ହିଂସାତ୍ମକ କାର୍ଯ୍ୟ କରି ପୂର୍ଣ୍ଣ ହୃଦୟର ସହ ସମ୍ମତି ଦେବାର ସାକ୍ଷୀ । ପ୍ରକୃତରେ ସେ ହତ୍ୟାକାରୀମାନଙ୍କ ବସ୍ତ୍ର ଧରି ସେଠାରେ ରହିଥିଲେ ଓ ସ୍ତିଫାନଙ୍କ ମୁଖର ଶେଷ ବାକ୍ୟ ଯେତେବେଳେ ସେ ତାଙ୍କ ହତ୍ୟାକାରୀମାନଙ୍କୁ କ୍ଷମା କରିଦେବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ତାହା ସେ ଶୁଣିଥିଲେ । ଠିକ୍ ଯେପରି ଯୀଶୁ କ୍ରୁଶଉପରେ କ୍ଷମା କରିଥିଲେ । ସ୍ତିଫାନଙ୍କ ମୃତ୍ୟୁ ସାଧନ ହେବା ପରେ, ଶାଉଲ ଯିରୂଶାଲମ ସାରା ଖ୍ରୀଷ୍ଟିୟାନମାନଙ୍କୁ ତାଡ଼ନା, ଉତ୍ସାହର ସହ କରିବାକୁ ଗଲେ ।

ଯୀଶୁ ସ୍ପଷ୍ଟ ଭାବେ ସେମାନଙ୍କୁ ସର୍ବତ୍ର ସୁସମାଚାର ନେବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହା ଘଟିବାକୁ ଅଳ୍ପ ସମୟ ଓ ଅଳ୍ପ ଉତ୍ସାହିତ କରାଇବାକୁ ଥିଲା । ପ୍ରକୃତରେ ଏହା ମଣ୍ଡଳୀକୁ ପେଣ୍ଟିକଷ୍ଟ ଠାରୁ ୨୦ ବର୍ଷ ସମୟ ଲାଗିଲା ବା ନେଲା । ପ୍ରେରିତ ୧୫ ଅଧ୍ୟାୟ ଅନୁସାରେ ଏହା ଏପରି ସିଦ୍ଧାନ୍ତରେ ଶେଷ ହେଲା ଯେ, ଜଣେ ଖ୍ରୀଷ୍ଟିୟାନ ହେବାକୁ, ଏକ ଯିହୁଦୀ ହେବା ଆବଶ୍ୟକ ନାହିଁ । ଏହି ସମୟରେ ପାଉଲ ଏଫିସୀୟ ୨:୧୧-୨୨ରେ ଲେଖିଲେ, ଏହା ତାଙ୍କୁ ସ୍ପଷ୍ଟ ଦୃଶ୍ୟମାନ ଥିଲା, ଆମ୍ଭେମାନେ ଈଶ୍ୱରଙ୍କଠାରୁ କେତେ ଦୂରରେ ଥିଲୁ । ତଥାପି ଖ୍ରୀଷ୍ଟଙ୍କଠାରେ ଆମ୍ଭେମାନେ ଏକତ୍ର ସଂଯୁକ୍ତ ହୋଇ ଗୋଟିଏ ପବିତ୍ର ମନ୍ଦିର ସ୍ୱରୂପେ ବୃଦ୍ଧି ପାଇ ଈଶ୍ୱରଙ୍କ ଆତ୍ମିକ ନିବାସ ନିମନ୍ତେ ଏକତ୍ର ନିର୍ମିତ ହେଉଅଛୁ । ଏହା ଯିହୂଦୀୟ ମନ ହୃଦୟ ଓ ରୀତିନୀତିରେ ପ୍ରକାଣ୍ଡ ପରିବର୍ତ୍ତନ ଥିଲା ।

ଆମେ ଦେଖୁ, ୮ମ ଅଧ୍ୟାୟ ଉନ୍ମୋଚନ କରିବାକୁ ପ୍ରେରିତ ଫିଲିପ୍ପଙ୍କ ମାଧ୍ୟମରେ ଏହି ରହସ୍ୟ ଆରମ୍ଭ ହେଲା । ସ୍ତିଫାନଙ୍କ ମୃତ୍ୟୁ ପରେ ସେ ଶମିରୋଣ ଅଞ୍ଚଳକୁ ଗଲେ, ଯାହା ଅଶୁଚି ଶତ୍ରୁମାନଙ୍କ ବାସସ୍ଥଳୀ ରୂପେ ବିବେଚିତ । ଯିରୂଶାଲମରେ ନେତୃତ୍ୱ ନେଉଥିବା ଯିହୂଦୀମାନଙ୍କ ପରି, ଶମିରୋଣୀୟମାନେ ସୁସମାଚାର ସମ୍ବାଦମାନ ପ୍ରାପ୍ତ ହେଲେ ଏବଂ ଈଶ୍ୱର ସେମାନଙ୍କ ମଧ୍ୟରେ ତାହାଙ୍କ ଗତି, ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ମାଧ୍ୟମରେ ଦୃଢ଼ିଭୁତ କଲେ । ପିତର ଓ ଯୋହନ ତତ୍ପରେ ଫିଲିପ୍ପଙ୍କ ସହିତ ଏକତ୍ର ଯୋଗ ଦେଲେ ଓ ପ୍ରାର୍ଥନା କଲେ ଯେପରି ଲୋକମାନେ ପବିତ୍ର ଆତ୍ମାଙ୍କୁ ପ୍ରାପ୍ତ ହେବେ । ଅବଶ୍ୟ ଯେକୌଣସି ସମୟରେ ଖ୍ରୀଷ୍ଟଙ୍କ ସମ୍ବାଦ କୁହାଯାଇଛି, ଉତ୍ତମ ଓ ମନ୍ଦ ମୃତିକାରେ ବୀଜଗୁଡ଼ିକ ପଡ଼ିବ । ଶିମୋନ, ଯେ କି କୁହୁକ ବା ଯାଦୁବିଦ୍ୟାରେ ନିପୁଣ ଥିଲେ, ସେ ମନ୍ଦ ମୃତ୍ତିକା । ସେ ଖ୍ରୀଷ୍ଟଙ୍କର ସ୍ୱାଦ ଦ୍ୱାରା କୌତୁହଳ ପ୍ରାପ୍ତ ହେଲା ମାତ୍ର ସେ ପବିତ୍ର ଆତ୍ମାଙ୍କ ଦ୍ୱାରା ଯେଉଁ ଶକ୍ତିମାନ ପ୍ରଦର୍ଶିତ ହେଉଥିଲା, ସେଥିରେ ଅଧିକ ଆଗ୍ରହୀ ଥିଲା ଓ ତାଙ୍କୁ କ୍ରୟ କରିବାକୁ ଚେଷ୍ଟା କଲା । ପିତର ଓ ଯୋହନ ଦୃଢ଼ ଭାବେ ଶିମୋନକୁ ସଂଶୋଧନ କଲେ ଏବଂ ଯଦିବା ସେ ଯୀଶୁଙ୍କଠାରେ ବିଶ୍ୱାସ କଲା ଓ ତାହାଙ୍କ ନାମରେ ବାପ୍ତିଜିତ ହେଲା, ଶିମୋନ ଶକ୍ତି ପାଇଁ ତାହାର କ୍ଷୁଧା ଓ ତାହାର ତିକ୍ତତାରୁ ମନପରିବର୍ତ୍ତନ କରି ନ ଥିଲା । ପୁନର୍ବାର ପ୍ରଭୁଙ୍କ ଆତ୍ମା ଫିଲିପ୍ପଙ୍କୁ ଅବିଶ୍ୱାସୀ ଜଗତକୁ ସୁସମାଚାର ନେବାକୁ ବ୍ୟବହାର କଲେ । ସେ ଫିଲିପ୍ପଙ୍କୁ କଥା ଓ ସେ ଗଜ୍ଜା ଆଡ଼କୁ ଯାଇଥିବା ଏକ ମରୁଭୂମିକୁ ତାଙ୍କୁ ପ୍ରେରଣ କଲେ ଯେଉଁଠାରେ ସେ ଯିଶାୟ ପୁସ୍ତକ ପଢୁଥିବା (ଅଧ୍ୟୟନ କରୁଥିବା) ଏଥିଓପିଅ ନପୁଂସକଙ୍କୁ ସାକ୍ଷାତ କଲେ ଓ ବାପ୍ତିସ୍ମ ଗ୍ରହଣ କଲେ ।

୯ ଅଧ୍ୟାୟ ଶାଉଲଙ୍କ ଦ୍ୱାରା ଚାଳିତ ହେଉଥିବା ଉଦ୍ଯୋଗପୂର୍ଣ୍ଣ ତାଡ଼ନା ମଧ୍ୟକୁ ଫେଣିଛ । ସେ ପ୍ରଧାନ ଯାଜକଙ୍କଠାରୁ ବା ଦ୍ୱାରା ପୁରୁଷ ଓ ମହିଳା ଉଭୟ ବିଶ୍ୱାସୀମାନଙ୍କୁ ବନ୍ଦି କରି ବାନ୍ଧି ନେବାକୁ ଅନୁମତି ପାଇଥିଲେ । ଦମ୍ମେସକ ପଥରେ ଖ୍ରୀଷ୍ଟ ସ୍ୱୟଂ ଶାଉଲଙ୍କ ପ୍ରତିରୋଧ କଲେ ଓ ଶାଉଲ, ଶାଉଲ 'ତୁମେ କାହିଁକି ମୋତେ ତାଡ଼ନା କରୁଅଛ ?'' ବୋଲି କଥା କହିଲେ । ଶାଉଲ ବିଶ୍ୱସ୍ତ ଭାବେ ପଚାରିଲେ, ''ସେ କିଏ'' ଥିଲେ । ଯୀଶୁ ଉତ୍ତର ଦେଲେ, ''ମୁଁ ଯୀଶୁ, ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ, ମାତ୍ର ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କ'ଣ କରିବାକୁ ହେବ, ତାହା କୁହାଯିବ ।'' ଶାଉଲ ବାଧ୍ୟ ହେଲେ ଓ ଦମ୍ମେଶକ ନଗରରେ

ପ୍ରବେଶ କଲେ ଯେଉଁଠାକୁ ସୁସ୍ଥତା ପାଇଁ ତାଙ୍କ ଉପରେ ହସ୍ତାର୍ପଣ କରିବାକୁ ତାହାଙ୍କ ଦାସ ହନାନୀୟଙ୍କୁ ଈଶ୍ୱର ପଠାଇଥିଲେ । ହନାନୀୟ କୁଣ୍ଠିତ ଥିଲେ, କାରଣ ଶାଉଲଙ୍କ ବିଷୟରେ ଦୁର୍ବଳ ସମ୍ବାଦ, ତାଙ୍କର ଉପଦ୍ରବ ବିଷୟରେ ସେ ଶୁଣିଥିଲେ ମାତ୍ର ପ୍ରଭୁ ଦୃଢ଼ିଭୂତ କଲେ ଯେ, ଶାଉଲ ବିଜାତୀମାନଙ୍କ ନିକଟକୁ ସୁସମାଚାର ବହନ କରିବା ପାଇଁ ତାହାଙ୍କର ଜଣେ ମନୋନୀତ ଅସ୍ତ୍ର ଥିଲେ । ଶାଉଲଙ୍କ ଦୃଷ୍ଟି ଶକ୍ତି ତାଙ୍କ ନିକଟକୁ ହନାନୀୟଙ୍କ ମାଧ୍ୟମରେ ଫେରିଆସିଲା ଓ ପରବର୍ତ୍ତୀ କେତେକ ଦିନ ସେ ଶିଷ୍ୟମାନଙ୍କ ସହିତ ସମୟ ବିତାଇଲେ । ତତ୍ପରେ ସମାଜ ଗୃହ ମଧ୍ୟକୁ ଗଲେ ଓ ଯୀଶୁଙ୍କ ସୁସମାଚାର ଘୋଷଣା କଲେ । ପାଠ୍ୟାଂଶ କହେ ଯେ, ଶାଉଲ, ଯୀଶୁ ଖ୍ରୀଷ୍ଟ ବୋଲି ‘‘ପ୍ରମାଣିତ’’ କଲେ ।

ଯିହୁଦୀମାନେ ଶାଉଲଙ୍କ ପାଇଁ ସୁଦ୍ଧା କଠୋର ମନୋବୃତ୍ତିକୁ କୋମଳ କଲେ ନାହିଁ । ସେମାନେ ତାଙ୍କୁ ବଧ କରିବାକୁ ଷଡ଼ଯନ୍ତ୍ର କଲେ । ମାତ୍ର ଶାଉଲ ଏ ବିଷୟ ଶୁଣିଲେ ସେ ନଗର ପ୍ରାଚୀରରେ ଏକ ଛିଦ୍ର ମଧ୍ୟ ଦେଇ ରକ୍ଷା ପାଇଲେ । ସେ ଯିରୂଶାଲମକୁ ଫେରିଲେ, ଯେଉଁଠାରେ ସେ ଶିଷ୍ୟମାନଙ୍କ ସହିତ ସହଯୋଗ କରିବାକୁ ଚେଷ୍ଟା କଲେ ମାତ୍ର ସେମାନେ ତାଙ୍କୁ ବହୁତ ଭୟ କଲେ । ବହୁତ ଉତ୍ସାହ ପ୍ରଦର୍ଶନକାରୀ ବର୍ଣ୍ଣବ୍ବା ଶାଉଲଙ୍କୁ ନେଇ ଗଲେ ଓ ସେ ଭାଇମାନଙ୍କ ଦଳରେ ଗୃହିତ ହେବା ପର୍ଯ୍ୟନ୍ତ ତାଙ୍କୁ ନିରାପତ୍ତା ଦେଲେ । ଅନେକ ସମୟରେ ବିରୋଧ ଏକ ନୂତନ ଦ୍ୱାର ଆଣିବ ତାହା ମଧ୍ୟ ଦେଇ ଆମ୍ଭର ଯିବା ଲାଗି । ପ୍ରଭୁଙ୍କ ସହିତ ଆମର ନୂତନ ଗମନର ଏକ ଅଂଶ ହେଉଛି ବିରୋଧ ମାତ୍ର ଆମ୍ଭେମାନେ କେବେ ହେଲେ ଏକାକୀ ନୋହୁଁ । ଆମ ଭିତରେ ଜଣେ ସାନ୍ତ୍ୱନାକାରୀ ଆମର ଅଛନ୍ତି ଆମ୍ଭମାନଙ୍କୁ କେବେ ହେଲେ ଏକାକୀ ଛାଡ଼ନ୍ତି ନାହିଁ (ଯୋହନ ୧୪:୧୫-୨୦) ।

ଶାଉଲ ପରବର୍ତ୍ତୀ ସମୟରେ ପାଉଲ ରୂପେ ଚିହ୍ନା ଗଲେ, ଯାହା ତାଙ୍କର ରୋମୀୟ ନାମ ଥିଲା । ପାଉଲଙ୍କ ପରିବର୍ତ୍ତନ ଓ ତାଙ୍କ କାର୍ଯ୍ୟାରମ୍ଭ ମଧ୍ୟରେ କେତେଗୁଡ଼ିଏ ବର୍ଷ ବିତି ଯାଇଛି । ତାଙ୍କ ଚିନ୍ତା ଓ ଜୀବନର ଉଦ୍ଦେଶ୍ୟ ଓ କାର୍ଯ୍ୟର ଉଦ୍ଦେଶ୍ୟ ଚତୁର୍ଦ୍ଦିଗ ପରିବେଶ ଓ ବନ୍ଧୁମାନ, ଖ୍ରୀଷ୍ଟଙ୍କ ପ୍ରତି ତାଙ୍କ ବ୍ୟବହାରରେ ଲଜ୍ଜା ତାହାଙ୍କ ଦାସମାନଙ୍କ ଦ୍ୱାରା ଏକ ସମ୍ପୂର୍ଣ୍ଣ ରୂପାନ୍ତରିକର ହେଲା, ଗାଲାତୀୟ ୧:୧୭ ଆମ୍ଭମାନଙ୍କୁ କହେ ସେ ଈଶ୍ୱରଙ୍କ ସହିତ ମରୁଭୂମିକୁ ପଳାଇଗଲେ । ଆମ ପ୍ରତ୍ୟେକଙ୍କ ପରି ପାଉଲଙ୍କର ଏକ ସ୍ୱତନ୍ତ୍ର ଆହ୍ୱାନ ଓ ଈଶ୍ୱରଙ୍କ ସହିତ ଏକାକୀ ଆବଶ୍ୟକୀୟ ସମୟ କ୍ଷେପଣ କରିବାକୁ ଥିଲା, ଯେପରି ବିଜାତୀମାନଙ୍କ ପାଇଁ ବା ନିକଟକୁ ଯିହୂଦାର ଏକ ପ୍ରେରିତ ରୂପେ ତାଙ୍କ ଜୀବନ ଉପରେ ଈଶ୍ୱରଙ୍କ କଷ୍ଟକର ଆହ୍ୱାନ ପାଇଁ ତାଙ୍କୁ ପ୍ରସ୍ତୁତ କରିବେ ।

***ଏପରିକି ତାଡ଼ନାରେ, ଈଶ୍ୱର ଆମର ବାଧତାକୁ, ନିବୃତ୍ତ ବା***
***ବନ୍ଦ ହୃଦୟ ଖୋଲିବା ପାଇଁ ବ୍ୟବହାର କରିପାରନ୍ତି ।***

# ପ୍ରେରିତ ପୁସ୍ତକ

## ଷଷ୍ଠ ପାଠ : ୯–୧୧ ଅଧ୍ୟାୟ

**ବାକ୍ୟଟିରେ ପ୍ରସଙ୍ଗ : ପିତର ଏକ ବିଜାତୀୟ ମଣ୍ଡଳୀରେ ପ୍ରଚାର କରିବା ଦ୍ୱାରା ପ୍ରତିବନ୍ଧକ ଭଗ୍ନ ହୁଏ ।**

**ପ୍ରଥମ ଦିବସ**

**ପ୍ରେରିତ ୯:୩୨–୪୩ ପାଠ କର**

୧. ଏହି ପଦମାନଙ୍କରେ ପିତରଙ୍କୁ ଈଶ୍ୱର କିପରି ବ୍ୟବହାର କଲେ ?

୨. ପିତର ଯୋପ୍ପାରେ କାହା ସହିତ ରହିଥିଲେ ?

**ଦ୍ୱିତୀୟ ଦିବସ**

**ପ୍ରେରିତ ୧୦:୧–୮ ପାଠ କର**

୧. କର୍ଣ୍ଣିଲିୟ କ'ଣ କରୁଥିଲେ ଯେତେବେଳେ ସେ ଦର୍ଶନ ଦେଖିଲେ ?

୨. ଏହି ପଦମାନଙ୍କରେ କର୍ଣ୍ଣିଲିୟ କିପରି ବର୍ଣ୍ଣିତ ହୋଇଛନ୍ତି ?

୩. ତୁମର ପରିବାର ବା ବନ୍ଧୁଗଣ ତୁମକୁ କିପରି ବର୍ଣ୍ଣନା କରିବେ ?

**ତୃତୀୟ ଦିବସ**

**ପ୍ରେରିତ ୧୦:୯–୧୮, ଲେବୀୟ ୧୭:୧୦–୧୪, ଲେବୀୟ ୧୧ ପାଠ କର**

୧. ଏହି ଶାସ୍ତ୍ରାଂଶ ସମୁଦାୟରେ କେଉଁ ଶବ୍ଦର ଥରକୁ ଥର କୁହାଯାଇଛି ?

୨. କେଉଁ ଘଟଣା ବ୍ୟବସ୍ଥା ପରିବର୍ତ୍ତନ କଲା ଯାହା ଯିହୂଦୀମାନଙ୍କୁ ବିଜାତୀମାନଙ୍କ ସହିତ ଭୋଜନ କରିବାକୁ ସମ୍ଭବପର କଲା ?

୩. ଆଜି ଈଶ୍ୱର ଆମ୍ଭମାନଙ୍କୁ କିପରି କଥା କହନ୍ତି ?

୪. ଈଶ୍ୱର ପିତରଙ୍କୁ କ'ଣ କରିବାକୁ କହିଲେ ଯେ, ତାଙ୍କ ପାଇଁ ଏକ ଯିହୂଦୀ ରୂପେ ବୁଝିବା ସହଜ ନ ଥିଲା ?

୫. କେଉଁ ପଦମାନ ତୁମେ ପାଇ ପାରିବ ଯାହା ଆମ୍ଭମାନଙ୍କୁ ଦେଖିବାକୁ ସାହାଯ୍ୟ କରିବ, ପିତର କିପରି ଚାଳନା ପାଇଥିଲେ ?

୬. କେଉଁ ପଦମାନ ଆମ୍ଭମାନଙ୍କୁ ଦର୍ଶାଏ ଯେ, ଈଶ୍ୱର ପ୍ରତ୍ୟେକ ଜାତିରୁ ଲୋକମାନଙ୍କୁ ତାଙ୍କ ପରିବାର ମଧ୍ୟରେ ଗ୍ରହଣ କରନ୍ତି ?

**ଚତୁର୍ଥ ଦିବସ**

**ପ୍ରେରିତ ୧୧:୧–୧୮ ପାଠ କର**

୧. ଯିରୂଶାଲମରେ ଯିହୂଦୀ ଖ୍ରୀଷ୍ଟିୟାନମାନଙ୍କଠାରୁ ବିଶ୍ରାମ କି ପ୍ରକାର ସମାଲୋଚନା ପିତରଙ୍କ ପ୍ରତି ଆସିଥିଲା ?

୨. ପିତର ପବିତ୍ର ଆତ୍ମାଙ୍କୁ କେତେ ଥର ଆଣିଥିଲେ ?

୩. ପିତର ବିଜାତୀମାନଙ୍କ ସହିତ ରହି ତାଙ୍କ ସହିତ ଭୋଜନ କରିବା ବିଷୟରେ ତାଙ୍କ ସ୍ରୋତା ମଣ୍ଡଳୀକୁ ଦେଇଥିବା ବ୍ୟାଖ୍ୟାର ପ୍ରତ୍ୟୁତ୍ତର କିପରି ପାଇଥିଲେ ?

୪. ଆମେ ସମାଲୋଚନାର ସମ୍ମୁଖୀନ ହେଲେ, ପିତରଙ୍କଠାରୁ କ'ଣ ଶିଖି ପାରିବା ?

୫. ଆମଠାରୁ ଭିନ୍ନ ଲୋକମାନଙ୍କ ପ୍ରତି ଆମର ହୃଦୟ କିପରି ବିଷୟରେ ଯାକୁବ ୨:୧ କ'ଣ କହେ ?

୬. ଏକ ବିଚାର କରିବା ଓ ସପକ୍ଷତା ଦେଖାଇବାରେ ବ୍ୟଗ୍ର ଅନ୍ତ କରିବାକୁ କିଏ ପରିବର୍ତ୍ତନ କରିପାରେ ? ଆଜି ଈଶ୍ୱର ତୁମ ହୃଦୟକୁ ପରିବର୍ତ୍ତନ କରିବେ, ବୋଲି ସେଥିପାଇଁ କିଛି ସମୟ ଈଶ୍ୱରଙ୍କୁ ପ୍ରାର୍ଥନାରେ ସମୟ ଦିଅ, ବା ଅତିବାହିତ କର ।

**ପଞ୍ଚମ ଦିବସ**

**ପ୍ରେରିତ ୧୧:୧୯–୨୬ ପାଠ କର**

୧. ଅନ୍ତିୟୋଖିଅ ମଣ୍ଡଳୀ କିପରି ଆରମ୍ଭ ହେଲା ?

୨. ଯିରୂଶାଲମରେ ଥିବା ମଣ୍ଡଳୀ କାହିଁକି ବର୍ଣ୍ଣବ୍ବାଙ୍କୁ ଆନ୍ତିୟୋଖକୁ ପଠାଇଲା ?

୩. ବର୍ଣ୍ଣବ୍ବା ଆନ୍ତିୟୋଖିଆକୁ କାହାକୁ ଆଣିଲେ ?

୪. ସେମାନେ ଅନ୍ତିୟୋଖରେ କେତେ ସମୟ ଯାଏ ରହିଲେ ?

୫. ଆନ୍ତିୟୋଖରେ ବିଶ୍ୱାସୀମାନଙ୍କୁ କେଉଁ ଗୁରୁତ୍ୱପୂର୍ଣ୍ଣ ନୂତନ ନାମ ଦିଆଗଲା ?

୬. ୨ ବିବରଣ ୧୩:୧–୫ ଓ ୧୮:୨୦–୨୨ ଅନୁସାରେ ସତ୍ୟ ଓ ମିଥ୍ୟା ଭାବବାଦୀ ମଧ୍ୟରେ ଭିନ୍ନତା ଆମେ କିପରି ଜାଣିପାରିବା ?

**ଷଷ୍ଠ ଦିବସ**

## ୬ଷ୍ଠ ପାଠ : "ବିଜାତିମାନଙ୍କ ପାଇଁ ଅନୁଗ୍ରହ"

| | |
|---|---|
| **ବାଇବଲ ପାଠ :** | **୯ ଅଧ୍ୟାୟ ୩୨–୪୩ ଓ ୧୦–୧୧** |
| **ମୁଖ୍ୟ ପଦ :** | **ପ୍ରେରିତ ୧୦:୩୪, ୩୫ "ମୁଁ ସ୍ପଷ୍ଟ ଦେଖେ ଯେ, ଈଶ୍ୱର ଯେ ମୁଖାପେକ୍ଷା କରନ୍ତି ନାହିଁ, କିନ୍ତୁ ପ୍ରତ୍ୟେକ ଜାତିରେ ଯେକେହି ତାହାଙ୍କୁ ଭୟ କରି ଧର୍ମାଚରଣ କରେ, ସେ ଯେ ତାହାଙ୍କ ନିକଟରେ ଗ୍ରାହ୍ୟ ହୁଏ, ଏହା ମୁଁ ସତ୍ୟ ବୁଝୁଅଛି ।"** |
| **ପ୍ରସଙ୍ଗ ବାକ୍ୟ :** | **ପିତର ବିଜାତି ମଣ୍ଡଳୀମାନଙ୍କରେ ପ୍ରଚାର କରିବା ଦ୍ୱାରା ପ୍ରତିବନ୍ଧକ ଭାଙ୍ଗିଛନ୍ତି ।** |
| **ଜୀବନର ମୌଳିକ ନିୟମ :** | **ଖ୍ରୀଷ୍ଟଙ୍କ ଶରୀରରେ ବିଭିନ୍ନତାମାନ ଏକତା ପାଇଁ ପୃଥକ କରାଯାଏ ।** |

**ସାରାଂଶ :** ୯ମ ଅଧ୍ୟାୟ ଦୁଇଟି ଆଶ୍ଚର୍ଯ୍ୟକର୍ମ ସହ ଶେଷ ହୁଏ, ଲୁଦରେ ଛୋଟା ଲୋକର ସୁସ୍ଥତା ଓ ଯୋପ୍ପାରେ ଦକା (ଟାବିଥା)ଙ୍କ ମୃତ ଶରୀରକୁ ଉଠାଇବା । ଉଭୟ ଆଶ୍ଚର୍ଯ୍ୟକର୍ମର ଚିହ୍ନମାନ ଈଶ୍ୱରଙ୍କ ପ୍ରତି ପ୍ରଶଂସା ଦିଏ ଏବଂ ପରିତ୍ରାଣ ସକାଶେ ତାହାଙ୍କ ପ୍ରତି ଫେରିବାକୁ ଦିଏ । ଏହି ଚମତ୍କାର କାର୍ଯ୍ୟମାନ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ନିଶ୍ଚିତ ଭାବେ ସୁସମାଚାର ସମ୍ବାଦ ସତ୍ୟ ପ୍ରମାଣିତ କରେ, ମାତ୍ର ଆମ୍ଭମାନଙ୍କ ସମସ୍ତଙ୍କ ପ୍ରତି ମଧ୍ୟ ଏପରି ଏକ ଉତ୍ସାହଜନକ ବିଷୟ ଅଟେ । ଏସବୁ ଆମ୍ଭମାନଙ୍କୁ ଈଶ୍ୱରଙ୍କ ଅନନ୍ତକାଳୀନ ରାଜ୍ୟ ଯାହା ଅପେକ୍ଷା କରି ରହିଛୁ ତାହାର ଏକ କ୍ଷୁଦ୍ର ସୂଚନା ପ୍ରଦାନ କରେ, ଯେଉଁଠାରେ ସମସ୍ତ ରୋଗ ସୁସ୍ଥ ହେବ, ସମଗ୍ର ବେଦନା ଚାଲିଯିବ, ସମସ୍ତ ଭୁଲ ସଂଶୋଧିତ ହେବ ଓ ସମସ୍ତ ଲୁହ ପୋଛି ଦିଆଯିବ ।

୧୦ମ ଅଧ୍ୟାୟ, ନୂତନ ନିୟମରେ ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟମାନଙ୍କ ମଧ୍ୟରୁ ଗୋଟିଏ । କର୍ଣ୍ଣଲିୟଙ୍କ ପ୍ରତି ଈଶ୍ୱରଙ୍କ ପ୍ରସ୍ତୁତିକରଣ ଓ ପିତରଙ୍କ ପ୍ରତି ଏକ ଦର୍ଶନ ବହୁଦୀର୍ଘ ସମୟଧରି ଯିହୁଦୀ ଓ ବିଜାତିମାନଙ୍କ ମଧ୍ୟରେ ରହିଥିବା ପ୍ରତିବନ୍ଧକମାନ ଭଗ୍ନ କରିଦେଲା ଓ ଅନୁଗ୍ରହର ସୁସମାଚାର ବିଜାତି ଜଗତକୁ ସମ୍ପୂର୍ଣ୍ଣ ମିଳି ପାରିବ ।

୧୦ମ ଅଧ୍ୟାୟର ଆରମ୍ଭରେ, ଆମ୍ଭେମାନେ କର୍ଣ୍ଣଲିୟଙ୍କ ସହିତ ପରିଚିତ ହେଉ, ଯେ କି ରୋମୀୟ ସରକାରର ସ୍ଥଳ  କାଇସରିଆରେ ଏକ ଶତସେନାପତି ରୂପେ ବାସ କରୁଛନ୍ତି । ଯିହୁଦା ପ୍ରଦେଶରେ ଓ ପ୍ରତିମାପୂଜକ ଜଗତକୁ ଖ୍ରୀଷ୍ଟଧର୍ମ ସହ ପରିଚିତ କରାଇବାର ଏକ କେନ୍ଦ୍ର ସ୍ଥଳରେ । କର୍ଣ୍ଣଲିୟ ଯିହୁଦୀମାନଙ୍କ

ମଧ୍ୟରେ ବାସ କରୁଥିଲେ । ଏହା ଜାଣି ଯିହୁଦୀମାନଙ୍କ ଈଶ୍ୱର ସତ୍ୟ ପରମେଶ୍ୱର ଅଟନ୍ତି । ବାସ୍ତବରେ ଈଶ୍ୱରଙ୍କ ହୃଦୟକୁ ଅଧିକ ସତ୍ୟ ଜାଣିବା ଲାଗି ପ୍ରସ୍ତୁତ କରି ଆସୁଥିଲେ । ଈଶ୍ୱରଙ୍କର ଜଣେ ଦୂତ ତାଙ୍କୁ କହିଲେ ଏକ ଦର୍ଶନରେ ଯେ, ତାଙ୍କର ପ୍ରାର୍ଥନାମାନ ଯିବ ପିତରଙ୍କ ମାଧ୍ୟମରେ । ସେହି ସମୟରେ, ଈଶ୍ୱର ପିତରଙ୍କୁ ଏକ ଦର୍ଶନ ପ୍ରଦାନ କଲେ ଓ ଏକ ''ବାକ୍ୟ'' ସିଧାସଳଖ ପୁରାତନ ନିୟମ ବ୍ୟବସ୍ଥା (ଲେବୀ ୧୧) ଅନୁସାରେ ''ଅଶୁଚି'' ବିବେଚିତ ହେଉଥିବା ବିଷୟରେ ପ୍ରଦାନ କଲେ । ଈଶ୍ୱର ଘୋଷଣା କଲେ ପିତରଙ୍କୁ ଯେ, ସେହି ଅଶୁଚି ରୀତିନୀତିର ଆଉ ଆବଶ୍ୟକ ନାହିଁ । ଈଶ୍ୱରଙ୍କ ବାକ୍ୟ ପରିବେଶମାନ ଦ୍ୱାରା ଦୃଢ଼ୀକୃତ ହୋଥିଲା । ପିତର ତଥାପି ଈଶ୍ୱରଙ୍କଠାରୁ ତାଙ୍କର ଦର୍ଶନରେ ସନ୍ଦିହାନ ଥିଲେ । ଯେତେବେଳେ କର୍ଣ୍ଣିଲିୟଙ୍କ ଦାସମାନେ ତାଙ୍କୁ କର୍ଣ୍ଣିଲିୟଙ୍କୁ ଦେଖିବାକୁ କାଇସରିଆକୁ ଫେରାଇ ନେବାକୁ ଆସି ପହଞ୍ଚିଲେ । ଅଣଯିହୁଦୀମାନଙ୍କ ସହିତ ସହଯୋଗୀତା ଦ୍ୱାରା ପିତର ଏକ ଈଶ୍ୱର ପରାୟଣ ଯିହୁଦୀ ରୂପେ ତାଙ୍କ ମର୍ଯ୍ୟାଦାକୁ ବିପଦଶଙ୍କୁଳ କରିଥିଲେ । ସେ ବାଧ୍ୟ ହେଲେ କାରଣ ସେ ଜାଣିଲେ ଯେ, ଈଶ୍ୱର ତାଙ୍କୁ ଚାଳିତ କରୁଛନ୍ତି । ସେ ମଧ୍ୟ ତାଙ୍କ ସହିତ ଛଅଜଣ ଯିହୁଦୀ ଖ୍ରୀଷ୍ଟିୟାନମାନଙ୍କ ସଙ୍ଗରେ ନେଲେ (ପ୍ରେରିତ ୧୨:୨୩ ଓ ୧୧:୧୨) । ଜୀବନ, ମୃତ୍ୟୁ ଓ ଯୀଶୁଙ୍କ ପୁନରୁତ୍ଥାନ ଏବଂ କ୍ଷମା, ଯାହାଦ୍ୱାରା ମନୁଷ୍ୟମାନେ ପରିତ୍ରାଣ ପାଇପାରନ୍ତି ଏସବୁ ବିଷୟରେ ଏକ ସ୍ୱଷ୍ଟ ସମ୍ବାଦ ପରିବେଷଣ କରିବା ପରେ, ପବିତ୍ର ଆତ୍ମା କର୍ଣ୍ଣିଲିୟଙ୍କ ଉପରକୁ ଆସିଲେ ଏବଂ ତାଙ୍କ ପରିବାର ସତ୍ୟ ଗ୍ରହଣ କଲେ ଓ ପବିତ୍ର ଆତ୍ମା ସେମାନଙ୍କ ଉପରେ ଅଧିଷ୍ଠିତ ହେଲେ, ଯେପରି ଯିହୁଦୀମାନଙ୍କ ଉପରକୁ ଆସିଥିଲେ । ଈଶ୍ୱର ଏକ ନୂତନ କାର୍ଯ୍ୟ କରୁଥିଲେ, ଯାହା ବହୁତ ସମାଲୋଚନା ଆଣିଦେଲା । କାରଣ ସେ ସମୟ ପର୍ଯ୍ୟନ୍ତ, ଏକ ଅଣଯିହୁଦୀ ଈଶ୍ୱରଙ୍କ ସନ୍ତାନ ରୂପେ ପାଳିତ ହୋଇପାରିବ, କେବଳ ଏକ ସୁନ୍ନତକ୍ରିୟା ଦ୍ୱାରା ଯିହୁଦୀ ହୋଇସାରିଲେ (ଯାତ୍ରା ୧୨:୪୩-୪୮) । ପିତର ଶୀଘ୍ର ସବୁ ଘଟିଥିବା ଘଟଣା ଏକତ୍ର ସଂଯୁକ୍ତ କରି କହିଲେ ଓ ଯିହୁଦୀ ବିଶ୍ୱାସୀମାନଙ୍କ ଦଳ ଘଟଣାଗୁଡ଼ିକୁ ଈଶ୍ୱରଙ୍କଠାରୁ ଆଗତ ଏକ ଚିହ୍ନ ରୂପେ ସ୍ୱୀକୃତି ପ୍ରଦାନ କଲେ ଓ ଚିହ୍ନିଲେ, ଗ୍ରହଣ କଲେ ଯାହା ଅଣଯିହୁଦୀମାନଙ୍କ ନିକଟରେ ପହୁଞ୍ଚିଲା ମାତ୍ରେ ପୂର୍ବରୁ କେବେ ଦେଖାଯାଇ ନ ଥିଲା । ତାହା ଈଶ୍ୱରଙ୍କଠାରୁ ନିଶ୍ଚିତଭାବେ ଆଗତ ଥିଲା । ସେଥିପାଇଁ ମଣ୍ଡଳୀ ଦ୍ୱାରା ଅଣ-ଯିହୁଦୀମାନଙ୍କ ନିକଟରେ ସୁସମାଚାର ପ୍ରଚାରର ସିଦ୍ଧାନ୍ତ ନିଆଗଲା । ୧୧ ଅଧ୍ୟାୟ ଶେଷରେ ଆମ୍ଭେମାନେ ପାଠ କରୁ ଯେ, ପ୍ରତିମାପୂଜକ ପଡ଼ୋଶୀମାନେ ପ୍ରଥମଥର ପାଇଁ ବିଶ୍ୱାସୀମାନଙ୍କୁ ''ଖ୍ରୀଷ୍ଟିୟାନ'' ନାମରେ ଆହ୍ୱାନ ଦେବାକୁ ଆରମ୍ଭ କଲେ । ଏହି ନାମର ଅର୍ଥ ସେମାନେ ''ଖ୍ରୀଷ୍ଟଙ୍କର ଅଟନ୍ତି'' ବା ତାହାଙ୍କ ସମ୍ବଳ ।

***ଖ୍ରୀଷ୍ଟଙ୍କ ଶରୀର (ମଣ୍ଡଳୀ)ରେ ଏକତା ପାଇଁ (ହେତୁ) ବିଭିନ୍ନତା ସବୁ ପୃଥକ କରାଗଲା ।***

## ପ୍ରେରିତ ପୁସ୍ତକ

### ସପ୍ତମ ପାଠ : ୧୨ ଅଧ୍ୟାୟ

**ପ୍ରସଙ୍ଗ ବାକ୍ୟ : ହେରୋଦ ତାଡ଼ନା ଆରମ୍ଭ କଲେ, ମାତ୍ର ସୁସମାଚାର ବିସ୍ତାରିତ ହେବାରେ ଲାଗି ରହିଲା ।**

**୧ମ ଦିବସ**

**ପ୍ରେରିତ ୧୨:୧–୧୧ ପାଠ କର**

୧. ଏହି ସମୟରେ ବିଶ୍ୱାସୀମାନେ କି ପ୍ରକାର କ୍ଳେଶମାନ ଅନୁଭବ କରୁଥିଲେ ?

୨. ଯାକୁବ କିପରି ହତ ହେଲେ (ଯୋହନଙ୍କ ଭ୍ରାତା)

୩. ପ୍ରେରିତ ୧୨:୩ ଦେଖ ଓ ଯୋହନ ୧୨:୪୨–୪୩ ପ୍ରତି ଦୃଷ୍ଟିପାତ କର । ହେରୋଦ କାହାକୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରୁଥିଲେ ?

**୨ୟ ଦିବସ**

**ପ୍ରେରିତ ୧୨:୫–୧୨ ପାଠ କର**

୧. ପିତର କାରାଗାରରେ ଥିବାବେଳେ, ବିଶ୍ୱାସୀମାନେ କ'ଣ କରୁଥିଲେ ?

୨. ସେମାନେ କିପରି ପ୍ରାର୍ଥନା କଲେ ?

୩. ଆମ୍ଭେମାନେ ପ୍ରାର୍ଥନାର ଶକ୍ତି ବିଷୟରେ କ'ଣ ଶିକ୍ଷା କରିପାରିବା ?

୪. ଆମେ ଏହି ନିମ୍ନଲିଖିତ ପଦଗୁଡ଼ିକରୁ ପ୍ରାର୍ଥନା ବିଷୟ କ'ଣ ଶିଖି ପାରିବା ?

କ) ରୋମୀ ୮:୨୮

ଖ) ଏଫିସୀୟ ୬:୧୮

ଗ) କଲସୀୟ ୪:୨

**୩ୟ ଦିବସ**

**ପ୍ରେରିତ ୧୨:୬–୧୭ ପାଠ କର**

୧. ପିତରଙ୍କ ଅବସ୍ଥା କାରାଗାର ମଧ୍ୟରେ କ'ଣ ଥିଲା ?

୨. ଶାସ୍ତ୍ରରୁ ପିତରଙ୍କ ରକ୍ଷା ପାଇବା ବିବରଣୀ ତୁମେ ଯେତେଦୂର ପାର ବ୍ୟାଖ୍ୟା କରିକୁହ ।

୩. ପିତରଙ୍କ ବନ୍ଧୁମାନଙ୍କ ସହିତ ପୁର୍ନମିଳନରେ ତୁମେ କ'ଣ ଆଚମ୍ୱିତ ଅବା ଅସାଧାରଣ ଭାବୁଛ କି ?

୪. ଏହା ମାର୍କ ୯:୨୪ ସହିତ ତୁଳନା କର ।

୫. ଆଜି କିଛି ସମୟ ପ୍ରାର୍ଥନାରେ ବିତାଅ, ଯେପରି ତୁମର ବିଶ୍ୱାସ ବୃଦ୍ଧି ଈଶ୍ୱର ସାଧନ କରିବେ ।

**୪ର୍ଥ ଦିବସ**
**ପ୍ରେରିତ ୧୨:୧୮–୧୯ ପାଠ କର**

୧. ପରବର୍ତ୍ତୀ ପ୍ରତ୍ୟୁଷରେ କ'ଣ ଘଟିଲା ?

୨. ହେରୋଦ ଆଗ୍ରିପ୍ପା କାହିଁକି ସହର ଛାଡ଼ି ଦେଲେ ବୋଲି ଭାବୁଛ ?

୩. ଆମେ କିପରି ସାଧାରଣ ଭାବେ ପ୍ରତ୍ୟୁତ୍ତର ଦେଇଥାଉ, ଯେତେବେଳେ ଈଶ୍ୱରଙ୍କ କାର୍ଯ୍ୟ କରିବା ଆମେ ବାଖ୍ୟା କରି ବୁଝାଇ ନ ପାରୁ ?

**୫ମ ଦିବସ**
**ପ୍ରେରିତ ୧୨:୨–୨୫ ପାଠ କର**

୧. ହେରୋଦ ଅଗ୍ରିପ୍ପା, ହେରୋଦ ମହାରାଜଙ୍କ ନାତି, ଯେଉଁ ମହାରାଜା ଯୀଶୁଙ୍କ ଜନ୍ମ ପରେ ଖୁବ୍ ଶୀଘ୍ର ମୃତ୍ୟୁଭୋଗ କରିଥିଲେ । ଲୋକମାନେ ହେରାଦଙ୍କ ବିଷୟରେ କ'ଣ ଚିତ୍କାର କରିଥିଲେ ?

୨. ଲୋକମାନେ ହେରୋଦଙ୍କୁ ପ୍ରଶଂସା କରିବାରୁ ଈଶ୍ୱର କ'ଣ କଲେ ? ଏହା କାହିଁକି କଲେ ?

୩. ହେରୋଦଙ୍କ ଏହି ବିଚାରରେ ଈଶ୍ୱରଙ୍କ ଚାରିତ୍ରିକଗୁଣମାନ କ'ଣ ତୁମେ ଦେଖୁଅଛ ?

୪. ମଣ୍ଡଳୀ କାହିଁକି ବୃଦ୍ଧି ପାଇବାରେ ଲାଗି ରହିଲା ?

**ଷଷ୍ଠ ଦିବସ**

## ସପ୍ତମ ପାଠ : ‘‘ପରିବର୍ତ୍ତନମାନ’’

| | |
|---|---|
| **ପ୍ରସଙ୍ଗର ପାଠ୍ୟାଂଶ :** | **୧୨ ଅଧ୍ୟାୟ** |
| **ମୁଖ୍ୟ ପଦ :** | **‘‘ବର୍ତ୍ତମାନ ସେ ସମୟରେ, ହେରୋଦ ରାଜା ହସ୍ତ କେତେକ ମଣ୍ଡଳୀ ଲୋକଙ୍କ ଉପରେ ଦେଲେ, ସେମାନଙ୍କୁ ଦୁର୍ବ୍ୟବହାର କରିବାକୁ ।** |
| **ପ୍ରସଙ୍ଗ ବାକ୍ୟ :** | **ହେରୋଦ ତାଡ଼ନା ଆରମ୍ଭ କରିଥିଲେ, ମାତ୍ର ସୁସମାଚାର ପରିବ୍ୟାପ୍ତ ହେବାରେ ଲାଗି ରହିଥିଲା ।** |

**ସରାଂଶ :** ୧୨ ଅଧ୍ୟାୟ ପ୍ରେରିତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା ମଣ୍ଡଳୀ ଇତିହାସକୁ ଆଦ୍ୟ ସମୟର ଶେଷାଂଶ ଚିହ୍ନମାନ ଦର୍ଶାଏ ଓ ପରବର୍ତ୍ତୀ ସମୟର ଦ୍ୱାର ଉନ୍ମୁକ୍ତ କରେ । ମାତୃ ମଣ୍ଡଳୀର ଗୃହ ଯିହୁଦୀମାନଙ୍କ ନଗର ଯିରୂଶାଲମରୁ ପରିବର୍ତ୍ତିତ ହେଲା । ଆନ୍ତିୟୋଖକୁ ଏହା ଏକ ଅଣଯିହୁଦୀ ସହର ଓ ଏକ କେନ୍ଦ୍ର, ଯେଉଁଠାରୁ ମିଶନେରୀମାନଙ୍କୁ ପରିଚିତ ଜଗତକୁ ପଠାଗଲା । ଯିରୂଶାଲମ କେନ୍ଦ୍ରିୟ ଅଧିକାର ଯିରୂଶାଲମରେ ଯିହୁଦୀବିଶ୍ୱାସୀମାନଙ୍କ ପାଇଁ ରହିପାରିଲା ନାହିଁ । ଯେଉଁମାନେ ଯିହୁଦୀ ବ୍ୟବସ୍ଥାଧିନରେ ଏବେସୁଦ୍ଧା ଅନୁଗାମୀ ଥିଲେ । ସେମାନେ ସୁସମାଚାର ସ୍ୱାଧୀନତାରେ ଓ ସମୁଦାୟ ଜଗତରେ ମିଶନେରୀମାନଙ୍କୁ ପ୍ରତିରୋଧ ବା ପ୍ରତିବନ୍ଧକ ସୃଷ୍ଟି କରିଥାଆନ୍ତି । କେବଳ ଯେ, ମୁଖ୍ୟ ନଗର ପରିବର୍ତ୍ତିତ ହେଲା, ତାହା ନୁହେଁ ମାତ୍ର ମୁଖ୍ୟ ବ୍ୟକ୍ତିତ୍ୱ ଆଦ୍ୟ ମଣ୍ଡଳୀର ପିତରଙ୍କଠାରୁ ପାଉଲଙ୍କ କତିକି ଚାଲିଗଲା, ଯେ କି ମହାନ ମିଶନେରୀ, ପ୍ରେରିତ ଓ ବ୍ୟକ୍ତି, ବିଜାତି ଜଗତ ପାଇଁ ଲେଖକ ଥିଲେ ।

ଏହି ଅଧ୍ୟାୟ ଦୁଃଖର ସହ ଆରମ୍ଭ ହୋଇଛି । ଏକ ସଂକ୍ଷିପ୍ତ ଶାନ୍ତିର ସମୟ ଉପଭୋଗ କଲା ପରେ, ରାଜା ହେରୋଦ ଖ୍ରୀଷ୍ଟିୟାନ ମଣ୍ଡଳୀର ସଭ୍ୟମାନଙ୍କୁ କ୍ଷତି କରିବା ପାଇଁ ଧରିନେଲେ । ସେ ଯୋହନଙ୍କ ଭ୍ରାତା ଯାକୁବଙ୍କୁ ଖଡ୍ଗଦ୍ୱାରା ବଧ କଲେ ଏବଂ ସେ ଏହା ଯିହୁଦୀମାନଙ୍କୁ ସପକ୍ଷରେ ଯାଉଥିବା ଜାଣି ସେ ପିତରଙ୍କୁ ମଧ୍ୟ କାରାଗାରରେ ରଖିଲେ । ମଣ୍ଡଳୀ ଏକତ୍ର ହୋଇ ପିତରଙ୍କ ପାଇଁ ନିଷ୍ଠାର ସହିତ ପ୍ରାର୍ଥନା କଲେ ଏବଂ ଈଶ୍ୱର ଏକ ଦୂତଙ୍କୁ ତାଙ୍କ ପାଖକୁ ପଠାଇ ତାଙ୍କୁ ମୁକ୍ତ କଲେ ।

ଏହି ସମୟ ପରେ ହେରୋଦ ରାଜବସ୍ତ୍ରରେ ବସ୍ତ୍ରାନ୍ୱିତ ହୋଇ ଲୋକମାନଙ୍କ ସମ୍ମୁଖରେ ଠିଆ ହେଲେ । ଯେଉଁମାନେ ତାଙ୍କୁ ଉଭୟ ଗୌରବ ଓ ସମ୍ମାନ ଦେଲେ, ଯାହା କେବଳ ଈଶ୍ୱର ପାଇବାକୁ ଯୋଗ୍ୟ । ସେ ଆନନ୍ଦରେ ଲୋକମାନଙ୍କର ପ୍ରଶଂସା ଗ୍ରହଣ କଲେ ତେଣୁ ଈଶ୍ୱର ଶୀଘ୍ର ଜଣେ ଦୂତଙ୍କୁ ତାହାଙ୍କୁ ଏହି ଅପମାନ ଦେବା ହେତୁ ଆଘାତ କରିବାକୁ ପଠାଇଲେ । ପାଠ୍ୟାଂଶ ପ୍ରକୃତରେ କହେ, ସେ କୀଟମାନଙ୍କ ଦ୍ୱାରା ଦଂଶିତ ହେଲେ ଏବଂ ତତ୍ପରେ ମୃତ୍ୟୁଭୋଗ କଲେ ।

ଆଲୋଚନା ପାଇଁ ୧୨ ଅଧ୍ୟାୟର ଘଟଣାଗୁଡ଼ିକରେ ବାହ୍ୟରେଖା ପ୍ରସ୍ତୁତ କରିବା :

୧. ଯାକୁବ, ହେରୋଦଙ୍କ ଦ୍ୱାରା ମୃତ୍ୟୁଭୋଗ କଲେ ।

୨. ପିତର କାରାଗାରରେ ବନ୍ଦୀ କରାଗଲେ ।

୩. ପିତର ଆଶ୍ଚର୍ଯ୍ୟଜନକ ଭାବେ ମୁକ୍ତ ହେଲେ ।

୪. ହେରୋଦ ଈଶ୍ୱରଙ୍କ ଦ୍ୱାରା ମରାଗଲେ ।

୫. ମଣ୍ଡଳୀ ବୃଦ୍ଧି ପାଇବାରେ ଲାଗିଲା ।

ଯଦି ଆମେ ଏହି ଘଟଣା ପ୍ରତି ନିକଟରୁ ଦୃଷ୍ଟିପାତ କରୁ ଏବଂ ସେମାନଙ୍କ ଉପରେ ଈଶ୍ୱରଙ୍କ ଶାସନ ରାଜତ୍ୱ ବିବେଚନା କରୁ, ଅନେକ ବିଷୟ ଅଛି ମନରେ ଚିନ୍ତା କରିବା ନିମନ୍ତେ । ଲକ୍ଷ୍ୟ କରୁ ଯେ, ସେହି ସମାନ ଈଶ୍ୱର ଯେ ପିତରଙ୍କୁ କାରାମୁକ୍ତ କଲେ, ଯାକୁବଙ୍କୁ ମୃତ୍ୟୁଭୋଗ କରିବାକୁ ଅନୁମତି ଦେଲେ ଏବଂ ହେରୋଦଙ୍କ ଉପରେ ନ୍ୟାୟ ବିଚାର ଘୋଷଣା କଲେ । ଆମ୍ଭେମାନେ ଜାଣୁ ଯେ, ଈଶ୍ୱର ସର୍ବଦା ଉତ୍ତମ, ଏପରିକି ଯଦିବା ସେ ତାହାଙ୍କ ଉତ୍ତମତା ଯାକୁବଠାରୁ ପିତରଙ୍କ ପ୍ରତି ଭିନ୍ନ ପ୍ରଦର୍ଶନ କଲେ ଏବଂ ଯଦିବା ଏହାଆମର ପାର୍ଥିବ ଇଚ୍ଛାକୁ ବିରୋଧ କରେ, ଆମେ ଜାଣୁ ଯେ, ଯାକୁବ ପ୍ରକୃତରେ ଆହୁରି ଉତ୍ତମତାର ଶେଷଫଳ, ମଞ୍ଜୁର କରାଗଲେ । ଭାତୃବୃନ୍ଦ ଯାହାବି ପସନ୍ଦ କରନ୍ତି ସୁଦ୍ଧା, ଆମେ ଜାଣୁ ଯେ, ଈଶ୍ୱର ସମ୍ପୂର୍ଣ୍ଣ ସଚେତନ ସମ୍ପୂର୍ଣ୍ଣ ଶକ୍ତିଶାଳୀ ଓ ପ୍ରତ୍ୟେକ ପରିସ୍ଥିତିରେ ସମ୍ପୂର୍ଣ୍ଣ ଉଦ୍ଦେଶ୍ୟପୂର୍ଣ୍ଣ । ଈଶ୍ୱର ଯାହା ସାଧନ କରୁଅଛନ୍ତି, ଉତ୍ତମତାର ଅଂଶରେ ପରିଣତ କରିବାକୁ, ସମସ୍ତ ପରିସ୍ଥିତି ବା ପରିବେଶର କାରଣ ସେ ଅଟନ୍ତି । ୨୪ ପଦରେ ଆମେ ପାଠ କରୁ ଯେ, ‘‘ପ୍ରଭୁଙ୍କ ବାକ୍ୟ ଅଧିକ ବୃଦ୍ଧି ପାଇ ବ୍ୟାପିବାକୁ ଲାଗିଲା ।’’ ମଣ୍ଡଳୀ ଉପରକୁ ଅଣାଯାଇଥିବା ତାଡ଼ନାମାନ ସତ୍ତ୍ୱେ ତାହାଙ୍କ ଚମତ୍କାର ଆଲୋକ, ଅନ୍ଧକାରକୁ ପରାସ୍ତ କରି ବୁଡ଼ାଇ ଦେଲା । ଏହା ହେଉଛି ସତ୍ୟ, ଯାହା ଉପରେ ଆମେ ବିଶ୍ରାମ କରି ପାରିବା, ଯଦିବା ଆମ୍ଭେମାନେ ସର୍ବଦା ଏହା ବୁଝି ନ ପାରୁ ଆମର ପାର୍ଥିବ ଚକ୍ଷୁଦ୍ୱାରା – ସେ ବିଜୟୀ ଅଟନ୍ତି ।

***ଈଶ୍ୱରଙ୍କ ଉଦ୍ଦେଶ୍ୟମାନ ସର୍ବଦା ଶୟତାନର ଚକ୍ରାନ୍ତଠାରୁ ମହାନ୍***

# ପ୍ରେରିତ ପୁସ୍ତକ

## ଅଷ୍ଟମ ପାଠ : ୧୩–୧୪ ଅଧ୍ୟାୟ

**ପ୍ରସଙ୍ଗ ବାକ୍ୟ : ପାଉଲ ଓ ବର୍ଣ୍ଣବ୍ବା, ତାଡ଼ନାରେ ଶକ୍ତି ଓ ଅନେକଙ୍କୁ ପରିତ୍ରାଣ ଜ୍ଞାନ ମଧ୍ୟକୁ ଆଣେ ସେମାନଙ୍କ ପ୍ରଥମ ମିଶନେରୀ ଉପରେ ମସ୍ତକ ଉଠାଇଲେ ।**

**୧ମ ଦିବସ**

**ପ୍ରେରିତ ୧୩:୧–୧୨ ପାଠ କର**

୧. ଆନ୍ତିୟୋଖ ମଣ୍ଡଳୀର ନେତାମାନଙ୍କର କେତେକ ନାମ ପ୍ରକାଶ କର ।

୨. ଈଶ୍ୱର ସେମାନଙ୍କୁ କହିବା ବେଳେ ସେମାନେ କ'ଣ କରୁଥିଲେ ?

୩. କେଉଁ ତିନିଜଣ, ଯାତ୍ରାରେ ଛାଡ଼ି ଦିଆଗଲେ ?

୪. ଯାଫୋରେ ସେମାନେ କଷ୍ଟର ସମ୍ମୁଖୀନ ହୋଇଥିଲେ ବର୍ଣ୍ଣନା କର ?

୫. ଆମ ବିରୁଦ୍ଧ ଶକ୍ତି ବିଷୟରେ ଏହା ଆମକୁ କି ଶିକ୍ଷା ଦିଏ ?

୬. ଯୀଶୁଙ୍କ ସମ୍ବାଦମାନ କିଏ ବିଶ୍ୱାସ କଲେ ?

**୨ୟ ଦିବସ**

**ପ୍ରେରିତ ୧୩:୧୩–୪୨ ପାଠ କର**

୧. କେଉଁମାନେ ଦଳ ଛାଡ଼ି ଦେଲେ ଓ ଗୃହକୁ ଫେରିଗଲେ ?

୨. ପାଉଲ ଈଶ୍ୱରଙ୍କ ଲୋକମାନଙ୍କ ବିଷୟ ଓ ସେମାନଙ୍କୁ ତାହାଙ୍କ ଉତ୍ତମତା ବିଷୟ ତାଙ୍କ ଉପଦେଶରେ କ'ଣ କହିଲେ ?

୩. ସେ ସେମାନଙ୍କ ଅକୃତଜ୍ଞତା ବିଷୟ କ'ଣ କହନ୍ତି ?

୪. ମସୀହଙ୍କ ପାଇଁ ପ୍ରସ୍ତୁତିକରଣ ବିଷୟ ସେ କ'ଣ କହନ୍ତି ?

୫. ଯେଉଁମାନେ ତାହାଙ୍କ ସମ୍ବାଦ ଅଗ୍ରାହ୍ୟ କରନ୍ତି ସେମାନଙ୍କ ପାଇଁ ପାଉଲଙ୍କ ସତର୍କ ବାଣୀ କ'ଣ ?

୬. ତୁମ ପାଇଁ ଏହି ଉପଦେଶରେ ସବୁଠାରୁ ଅର୍ଥପୂର୍ଣ୍ଣ କ'ଣ ?

**୩ୟ ଦିବସ**

**ପ୍ରେରିତ ୧୩:୪୨–୫୨ ପାଠ କର**

୧. ପରବର୍ତ୍ତି ବିଶ୍ରାମବାର ଉପରେ କ’ଣ ପ୍ରତ୍ୟୁତ୍ତର ଥିଲା ?

୨. ପାଉଲ ଓ ବର୍ଣ୍ଣବ୍ବାଙ୍କ ବିରୁଦ୍ଧରେ କିଏ ଉଠିଲା ?

୩. ସହରରୁ ସେମାନଙ୍କୁ ବାହାର କରିଦେବା ବିଷୟର କି ପ୍ରତ୍ୟୁତ୍ତର ସେମାନେ ଦେଲେ ?

୪. ତୁମ ଜୀବନରେ ବାଧା ପ୍ରତି ତୁମେ କି ପ୍ରତ୍ୟୁତ୍ତର ଦେଇଥାଅ ।

**୪ର୍ଥ ଦିବସ**

**ପ୍ରେରିତ ୧୪:୧–୭ ପାଠ କର**

୧. ଇକୋନିୟରେ ସୁସମାଚାର ସମ୍ବାଦର କିଏ ପ୍ରତ୍ୟୁତ୍ତର ଦେଲେ ?

୨. ପାଉଲ ଓ ବର୍ଣ୍ଣବ୍ବାଙ୍କ କଥା କହିବା ସେବାକାର୍ଯ୍ୟକୁ କେଉଁ ଶବ୍ଦ ବର୍ଣ୍ଣନା କରେ ?

୩. ଇକୋନିୟରେ ପାଉଲ ଓ ଶିଲାଙ୍କ ସେବାକାର୍ଯ୍ୟର ଫଳମାନ କ’ଣ ଥିଲା ?

୪. କାହିଁକି ସେମାନେ ଇକୋନିୟ ନଗର ପରିତ୍ୟାଗ କଲେ ?

୫. ପରବର୍ତ୍ତି ସମୟରେ ସେମାନେ କେଉଁ ଆଡ଼େ ଗଲେ ?

**୫ମ ଦିବସ**

**ପ୍ରେରିତ ୧୪:୮–୨୮ ପାଠ କର**

୧. ଜଣେ ଜନ୍ମଖଞ୍ଜ ଲୋକର ସୁସ୍ଥତାର ପ୍ରତ୍ୟୁତ୍ତର କ’ଣ ଥିଲା ?

୨. ତୁମେ କ’ଣ ଭାବୁଛ, ପାଉଲ ସତ୍ୟ ପରମେଶ୍ୱରଙ୍କ ବିଷୟ କହିବା ବେଳେ କାହିଁକି ସୃଷ୍ଟ ଜଗତ ବିଷୟ କହିଲେ ? (ରୋମୀ ୧:୧୮–୩୨ ମଧ୍ୟ ଦେଖ)

୩. ପାଉଲଙ୍କ ଉପଦେଶର ପ୍ରତ୍ୟୁତ୍ତର କ’ଣ ଥିଲା ? (ଉଭୟ ହଁ ଓ ନାହିଁ)

୪. ଜୀବନ ବ୍ୟାପୀ ବନ୍ଧୁମାନଙ୍କ ନାମ ଦେଇପାରିବ କି ଯେଉଁମାନେ ଦର୍ବିରୁ ଆସିଥିଲେ ? (ପ୍ରେରିତ ୨୦:୪, ଫିଲିପ୍ପୀୟ ୨:୧୯–୨୦) ।

୫. ବିରୋଧ ମଧ୍ୟରେ ଈଶ୍ୱରଙ୍କ କାର୍ଯ୍ୟ ବିଷୟ ଏହା କ’ଣ ଦେଖାଏ ?

୬. ତୁମେ କିପରି ଭାବୁଛ, ପାଉଲ ଓ ଶିଲା ନୂତନ ବିଶ୍ୱାସୀମାନଙ୍କୁ ଶକ୍ତିଯୁକ୍ତ କଲେ ?

୭. ଏହି ସପ୍ତାହରେ ତୁମେ କୌଣସି ବ୍ୟକ୍ତିଙ୍କୁ ଶକ୍ତିଯୁକ୍ତ ଓ ଉତ୍ସାହିତ କିପରି କରି ପାରିଛ ?

**ଷଷ୍ଠ ଦିବସ**

## ଅଷ୍ଟମ ପାଠ : ‘‘ପରିବର୍ତ୍ତନମାନ’’

| | |
|---|---|
| **ପ୍ରସଙ୍ଗର ପାଠ୍ୟାଂଶ :** | **୧୨ ଅଧ୍ୟାୟ** |
| **ମୁଖ୍ୟ ପଦ :** | **ପ୍ରେରିତ ୧୩:୪୭ ‘‘ଆମ୍ଭେ ବିଜାତିମାନଙ୍କର ଆଲୋକ ସ୍ୱରୂପେ ତୁମ୍ଭକୁ ସ୍ଥାପନ କରିଅଛୁ, ଯେପରି ତୁମ୍ଭେ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ପରିତ୍ରାଣସ୍ୱରୂପ ହେବ’’ ।** |
| **ପ୍ରସଙ୍ଗ ବାକ୍ୟ :** | **ପାଉଲ ଓ ବର୍ଣ୍ଣବ୍ବା ସେମାନଙ୍କ ପ୍ରଥମ ମିଶନେରୀ ଯାତ୍ରରେ ତାଡ଼ନା ମଧ୍ୟରେ ଶକ୍ତି ଓ ଅନେକଙ୍କୁ ପରିତ୍ରାଣ ଆଣିବାକୁ ବାହାରି ଗଲେ ।** |
| **ଜୀବନର ନିୟମ :** | **ଈଶ୍ୱରଙ୍କୁ ଓ ତାହାଙ୍କ ପୁତ୍ରଙ୍କୁ ଅଗ୍ରାହ୍ୟକରି ଅନନ୍ତକାଳ ଶେଷ ଫଳ ଲାଭ କର ।** |

**ସରାଂଶ :** ପ୍ରେରିତ ୧୨ରେ କାରାଗାରରୁ ଆଶ୍ଚର୍ଯ୍ୟଭାବରେ ମୁକ୍ତି ପାଇବା ପରେ ପିତର ଦୃଶ୍ୟପଟରୁ ବହାରି ଯାଆନ୍ତି ଓ ପାଉଲ, ମିଶନେରୀ ପ୍ରେରତି ରୂପେ ପ୍ରେରିତ ପୁସ୍ତକର ଅବଶିଷ୍ଟାଂଶ ପାଇଁ ଆମର ଦୃଷ୍ଟି ଆକର୍ଷଣ କରନ୍ତି । ଏହି ବୃଦ୍ଧିରେ ବର୍ଣ୍ଣବ୍ବା ଉଚ୍ଚତର ଅସ୍ତ୍ର ରୂପେ ଥିଲେ । ପ୍ରେରିତ ୪:୩୬ରେ ଆମେ ବର୍ଣ୍ଣବ୍ବାଙ୍କ ସହିତ ପ୍ରଥମ ପରିଚିତ ହେଲୁ । ଯେତେବେଳେ ସେ କିଛି ସମ୍ପତ୍ତି ବିକ୍ରୟ କଲେ ଓ ମଣ୍ଡଳୀକୁ ଅଗ୍ରସର ହେବାକୁ ଦେଲେ । ତାହାପରେ ସେ ଥିଲେ ବର୍ଣ୍ଣବ୍ବା, ଯେ କି ପାଉଲଙ୍କ ପରିବର୍ତ୍ତନ ପରେ ଯେତେବେଳେ ସେ ପ୍ରଥମେ ଯିରୂଶାଲମକୁ ଆସିଲେ ତାଙ୍କ ସପକ୍ଷରେ ମତ ଦେଇଥିଲେ । ଯେତେବେଳେ ପ୍ରେରିତମାନେ ତାଙ୍କ ସହିତ ସହଯୋଗ କରିବା ନିମନ୍ତେ ଅଧିକ ଭୟଭୀତ ଥିଲେ, ବର୍ଣ୍ଣବ୍ବା ନିଜକୁ ଜାଣିପାରୁ ଥିବା ଉତ୍ସାହିଦାନକାରୀ ରୂପେ ପ୍ରମାଣିତ କରିଥିଲେ ଓ ଏହିପରିଭାବେ ଭାଇମାନଙ୍କ ଦଳ ମଧ୍ୟକୁ ଅଣାଗଲେ । ଏଠାରେ ୧୩ ଅଧ୍ୟାୟରେ ସେ ବର୍ଣ୍ଣବ୍ବା ଯେ କି ସାହାଯ୍ୟ ଆବଶ୍ୟକ କଲେ ଓ ପାଉଲ ତାଙ୍କ ସହିତ ସେବା କରିବାକୁ ପାଉଲଙ୍କୁ ଫେରାଇ ଆଣିଲେ । ସେମାନଙ୍କ ଏକତ୍ର ସେବାକାର୍ଯ୍ୟ ଏକବର୍ଷ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣୀୟ ଫଳାଫଳ ସହ ଚାଲୁ ରହିଲା । ବର୍ଣ୍ଣବ୍ବା, ପାଉଲଙ୍କୁ ଏକ ନେତୃତ୍ୱର ସ୍ଥାନକୁ ଆଣିଲେ ଯାହା ତାଙ୍କ ନିଜ ଖ୍ୟାତିଠାରୁ ବଳି ପଡ଼ିଲା । ଆମର ରାଜ୍ୟ କାର୍ଯ୍ୟରେ ନିଯୁକ୍ତି ସ୍ଥଳ, ମଧ୍ୟରେ ଖ୍ୟାତି ବର୍ତ୍ତମାନ ଦୃଶ୍ୟମାନ ହୋଇ ନ ପାରେ ମାତ୍ର ଅନେକ ଉତ୍ସାହଦାନକାରୀମାନେ ବର୍ଣ୍ଣବ୍ବାଙ୍କ ପରି ସ୍ୱର୍ଗରେ ସମ୍ମାନିତ ହେବେ ।

ଏଠାରେ ପ୍ରେରିତ ୩ ଅଧ୍ୟାୟରେ ଆନ୍ତିୟୋଖରେ ଆଦ୍ୟ ମଣ୍ଡଳୀର ଏହି ଭାବବାଦୀ ଓ ଶିକ୍ଷକମାନଙ୍କ ବିଭିନ୍ନତା ପ୍ରତି ଦୃଷ୍ଟିପାତ କରିବା ଆବଶ୍ୟକ । ବର୍ଣ୍ଣବ୍ବା କୁପ୍ରଦ୍ୱୀପରୁ ଏକ ଯିହୁଦୀକଭକ୍ତ, ଏକ ଉତ୍ସାହୀ

ଫାରୂଶୀ ଓ ପୂର୍ବେ ଆଦ୍ୟ ମଣ୍ଡଳୀର ତାଡ଼ନାକାରୀ ଥିଲେ, ଦଳର ସବୁଠାରୁ ବୟସ୍କ ସର୍ବନିମ୍ନ ବା ଅଳ୍ପ ସମୟର ଥିଲେ । ମାନାଏବ୍ ହେରୋଦଙ୍କ ବାଲ୍ୟ ବନ୍ଧୁ ହୋଇ ଆସିଥିଲେ । ଲୁସିଅ ଉତ୍ତର ଆଫ୍ରିକାର (କ୍ୱିରିଣୀୟ) ସାଇରିନ୍‌ରୁ ଆସିଥିଲେ । ଶେଷରେ ଶିମୋନ ଯାହାଙ୍କ  ଅନ୍ୟନାମ ନିଗର ଥିଲା ଓ ସମ୍ଭବତଃ କ୍ୱିରିଣୀୟ ଶିମୋନ ଯେ କି ଯୀଶୁଙ୍କ କ୍ରୁଶ ବହନ କରିଥିଲେ, ଏ ସେହି ଶିମୋନ (ଲୂକ ୨୩:୨୬) । ଏହି ସମାନ ବର୍ଷରେ ଲୋକମାନେ ନିଜକୁ ଉଚ୍ଚତର ଓ ସ୍ୱତନ୍ତ୍ର ଅନୁଭବ କରିବାକୁ ଯୁଦ୍ଧ ବା ସଂଘର୍ଷ କରିବା ମନୋବୃତ୍ତି ଧାରଣ କରିଥିଲେ । କଲସୀୟ ୩:୧୧ କହେ, ‘‘ଏହି ନୂତନ ଜୀବନରେ, ଗ୍ରୀକ୍ ଓ ଯିହୁଦୀ, ସୁନ୍ନତି ଓ ଅସୁନ୍ନତି, ବର୍ବର, ସ୍କୁଥିୟ, ଦାସ, ସ୍ୱାଧୀନ ବ୍ୟକ୍ତି ଏମାନଙ୍କ ମଧ୍ୟରେ କିଛିରେ ହିଁ ପ୍ରଭେଦ ନାହିଁ, କିନ୍ତୁ ଖ୍ରୀଷ୍ଟ ସବୁରେ ସବୁ ଅଟନ୍ତି ଓ ଆମ ସମସ୍ତଙ୍କଠାରେ ବାସ କରନ୍ତି ।’’ କେବଳ ଆଦ୍ୟମଣ୍ଡଳୀ ସେମାନଙ୍କ ବିଭିନ୍ନତା ସତ୍ତ୍ୱେ ଯେ ଏକତ୍ର ଥିଲେ ତାହା ନୁହେଁ, ମାତ୍ର ସେମାନେ ବିଶ୍ୱସ୍ତ ଭାବେ ବାଧ୍ୟ ଥିଲେ । ୨ ପଦ କହେ ଯେ, ପବିତ୍ର ଆତ୍ମା ସେମାନଙ୍କୁ ନିର୍ଦ୍ଦୋଷ ଦେଇଥିବାନୁସାରେ ଉପବାସ ଓ ପ୍ରାର୍ଥନା କରୁଥିଲେ ଓ ବର୍ଣ୍ଣବ୍ବା ଓ ପାଉଲଙ୍କୁ ବାହାରକୁ ପଠାଇଲେ ଯୀଶୁଙ୍କ ଶେଷବାଣୀସମୂହ ସମସ୍ତ ଜଗତ ମଧ୍ୟକୁ ସୁସମାଚାର ସମ୍ବାଦ ନେଇ ଯିବାକୁ ସଫଳ କରିବାକୁ ।

ଯଦି ତୁମେ କେବେ ଏକ ଅଞ୍ଚଳରେ ବାସ କରିଥାଅ । ଯାହା କି ତୁମର ଘର ନୁହେଁ, ତୁମ ପାଉଲ ଓ ବର୍ଣ୍ଣବ୍ବାଙ୍କ ସହ ନିଜକୁ ଚିହ୍ନିତ କରିପାର । ଅନେକ ଖ୍ରୀଷ୍ଟିୟାଂନମାନେ ସେମାନଙ୍କ ନିଜ ସଂସ୍କୃତିମାନ ଓ ପରିତ୍ୟାଗ କରନ୍ତି ଓ ଅନଭ୍ୟସ୍ତ ଦେଶମାନଙ୍କରେ ଭାଷା ଓ ଭିନ୍ନତା ସହିତ ସଂଘର୍ଷ କରନ୍ତି । ସମୟ ସମୟରେ ସେମାନେ ଗୃହିତ ହୋଇଥଆନ୍ତି ମାତ୍ର ଅନ୍ୟ ସମୟମାନଙ୍କରେ ଅଗ୍ରାହ୍ୟ ଓ ଏପରିକି କ୍ରୋଧର ସମ୍ମୁଖୀନ ହୁଅନ୍ତି । ପାଉଲ ଓ ଶିଲାଙ୍କ ଏହି ପ୍ରଥମ ମିଶନେରୀ ଯାତ୍ରାର ଅନୁଭୂତି ଅଛି ଯାହା ଆଜି ଅନେକଙ୍କୁ କୁହାଯାଇ ପାରେ । ସେମାନଙ୍କ ବିବରଣୀ ଆମ୍ଭମାନଙ୍କୁ ଉତ୍ସାହିତ କରେ ଯେତେବେଳେ ଆମେ ଈଶ୍ୱରଙ୍କ ଉପସ୍ଥିତି ସ୍ମରଣ କରାଇ ଦିଆଯାଉ ଓ ଯେଉଁମାନେ ଈଶ୍ୱରଙ୍କ ପୁତ୍ରଙ୍କ ବିଜୟକୁ ଉତ୍ତମ ସମ୍ବାଦମାନ କହନ୍ତି  ସେମାନଙ୍କ ସହିତ ଥିବା ଶକ୍ତି ବିଷୟ ମନେ ପକାଇ ଦିଆଯାଏ ।

**ପାଫୋ** – (ପ୍ରେରିତ ୧୩:୪–୧୪) ଯୋହନ ମାର୍କଙ୍କୁ ସାଙ୍ଗରେ ନେଇ, ଶାଉଲ ଓ ବର୍ଣ୍ଣବ୍ବା ସାଲିମିର ସମାଜଗୃହମାନଙ୍କରେ କଥା କହିଲେ, ତାହାପରେ ପାଫୋର ସମୁଦାୟ ଦ୍ୱୀପର ମଧ୍ୟଦେଇ ଗଲେ । ଯେଉଁଠାରେ ସେମାନେ ବର–ଯୀଶୁ ନାମରେ ଏକ (ମାୟାବୀ) ଯାଦୁକରକୁ ପାଇଲେ । ସେ ଶାଉଲ, (ମାତ୍ର ବର୍ତ୍ତମାନ ତାଙ୍କର ରୋମୀୟ ନାମ ପାଉଲ ନାମ ପ୍ରାପ୍ତ ହୋଇଥିଲେ)ଙ୍କଠାରୁ ଶାସନକର୍ତ୍ତାଙ୍କୁ ବିଶ୍ୱାସରୁ ବିମୁଖ କରିବାକୁ ଚେଷ୍ଟା କରି ସେମାନଙ୍କ ପଶ୍ଚାତ୍‌ବର୍ତ୍ତି ହେବାରେ ଲାଗିଲେ ଓ ସେମାନଙ୍କ

ପ୍ରତିରୋଧ କଲା । ପାଉଲ ତାହା ବିରୁଦ୍ଧରେ କହିଲେ, ‘‘ଆରେ ସମସ୍ତ ପ୍ରକାର ଛଳ ଓ ଧୂର୍ତ୍ତତାରେ ପରିପୂର୍ଣ୍ଣ ଓ ସମସ୍ତ ଧାର୍ମିକତାର ଶତ୍ରୁ, ଶୟତାନର ସନ୍ତାନ, ତୁମ୍ଭେ ପ୍ରଭୁଙ୍କ ସରଳ ପଥକୁ କରିବାରୁ କି କ୍ଷାନ୍ତ ହେବ ନାହିଁ ? ମିଥ୍ୟାଭାବବାଦୀ ଅନ୍ଧତାରେ ଆଘାତ କରାଗଲା ଏବଂ ସେହି ଶାସନକର୍ତ୍ତା ଏହି ଘଟଣା ଦେଖି ପ୍ରଭୁଙ୍କ ଶିକ୍ଷାରେ ଆଶ୍ଚର୍ଯ୍ୟ ହୋଇ ବିଶ୍ଵାସ କଲେ । (ଦୟାକରି ଲକ୍ଷ୍ୟ କର, ଭବିଷ୍ୟତ୍ ପାଇଁ ଉଦ୍ଧୃତ କରିବାକୁ, ଯୋହନ ମାର୍କ, ପାଉଲ ଓ ବର୍ଣ୍ଣବ୍ବାଙ୍କୁ ଛାଡ଼ି ଏହି ପ୍ରାରମ୍ଭିକ ଅଟକିବା ସ୍ଥାନରୁ ଯିରୂଶାଲମକୁ ବାହୁଡ଼ି ଗଲେ ।)

**ଇକନିୟ** – (ପ୍ରେରିତ ୧୩:୫୫–୧୪:୫) ସେମାନେ ୮୫ ମାଇଲ ପର୍ବତ ଚଢ଼ି ପର୍ଗାଠାରୁ ପିସିଦିଆ ଆନ୍ତିୟୋଖ ପର୍ଯ୍ୟନ୍ତ । ସେମାନେ ଦକ୍ଷିଣ ଗାଲାତୀୟ ଅତିକ୍ରମ କଲେ ଯାହାକି ଆଂଶିକଭାବେ ମରୁଭୂମି ଥିଲା । ଇକନିୟ (ବର୍ତ୍ତମାନ ତୁର୍କୀ) ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ନଗର ଥିଲା । ଯାହା ଉର୍ବର କୃଷିକ୍ଷେତ୍ର ଓ ଫଳ ବଗିଚା ମଧ୍ୟରେ ରହିଥିଲା । ମାତ୍ର ସେମାନେ ଉଭୟ ଯିହୁଦୀ ଓ ବିଜାତିମାନଙ୍କ ସମାଜଗୃହମାନଙ୍କରେ ସେବାରେ ପୁନର୍ବାର ଶିକ୍ଷାଦାନ ଆରମ୍ଭ କଲେ । ସେମାନେ ସାହସର ସହିତ କହିଲେ ଓ ପ୍ରଭୁ ସେମାନଙ୍କୁ ଚିହ୍ନ ଓ ଅଦ୍ଭୁତକର୍ମମାନ ଦ୍ୱାରା ଆଶୀର୍ବାଦ କଲେ । ମାତ୍ର ନଗର ବିଭକ୍ତ ହେଲା ଓ ଯିହୁଦୀମାନେ ଦୁର୍ବ୍ୟବହାର କରିବାକୁ ଉତ୍ସାହିତ ହେଲେ, ତେଣୁ ସେମାନେ ଲୁସ୍ତ୍ରାରୁ ପଳାଇଗଲେ ।

**ଲୁସ୍ତ୍ରା** – (ପ୍ରେରିତ ୧୪:୬–୨୦) ଲୁସ୍ତ୍ରା ଏକ ଦେବପୂଜକମାନଙ୍କ ଅଞ୍ଚଳ ଥିଲା ଯେଉଁଠାରେ ଏକ ସମାଜଗୃହ ସମ୍ଭବତଃ ନ ଥିଲା । ଏକ ଖଞ୍ଜକୁ ସୁସ୍ଥ କଲେ । ପରେ ପାଉଲ ଓ ବର୍ଣ୍ଣବ୍ବା ଦେବତା ରୂପେ ଭ୍ରମାତ୍ମକ ଭାବେ ଦେଖାଦେଲେ ଓ ଲୋକମାନେ ସେମାନଙ୍କ ନିମନ୍ତେ ବଳିଦାନ ପ୍ରସ୍ତୁତ କରିବାକୁ ଚାହିଁଲେ । ବହୁତ ଚିନ୍ତା ସେମାନଙ୍କ ପାଇଁ କରି, ପାଉଲ ସେମାନଙ୍କ ଉପାସନା ଅଗ୍ରାହ୍ୟ କଲେ ଏବଂ ସେମାନଙ୍କୁ କହିଲେ ସତ୍ୟ ପରମେଶ୍ୱରଙ୍କ ବିଷୟରେ ଯେ କି ସମସ୍ତ ବିଷୟମାନର ସୃଷ୍ଟି ପାଇଁ ଦାୟିତ୍ୱବାନ ଏବଂ ଏପରିକି ସତ୍ୟତା ଦ୍ୱାରା ସେମାନଙ୍କ ପଛରେ ଯିବାକୁ ଚେଷ୍ଟା କରିବା ପରେ, ପ୍ରେରିତଙ୍କୁ ମିଥ୍ୟା ପୂଜାରୁ ସେମାନଙ୍କୁ ଫେରାଇବାକୁ କଷ୍ଟସାଧ୍ୟ ହୋଇଥିଲା ।

ଏହାପରେ କେତେକ ଯିହୁଦୀମାନେ ଆନ୍ତିୟୋଖକୁ ଆସିଲେ ଓ ଲୋକମାନଙ୍କୁ ମତାଇଲେ ଯେପରି ସେମାନେ ପାଉଲଙ୍କୁ ପଥର ମାରନ୍ତି ଏବଂ ତାଙ୍କୁ ନଗର ବାହାରକୁ ଘୋଷାରୀ ନେଲେ, ସେ ମରିଗଲେଣି ବୋଲି ଭାବି । ପରବର୍ତ୍ତୀ ଦିନ ଯେତେବେଳେ ଶିଷ୍ୟମାନେ ତାଙ୍କ ଚତୁର୍ଦ୍ଦିଗରେ ଘେରି ଠିଆ ହେଲେ, ସେ ଉଠି ଠିଆ ହେଲେ ଓ ନଗର ମଧ୍ୟକୁ ଫେରିଗଲେ । ପରବର୍ତ୍ତୀ ଦିନ ସେ, ମନସ୍ଥ କଲେ ବର୍ଣ୍ଣବ୍ବାଙ୍କ ସହିତ ସେଠାରୁ ଦର୍ବିକୁ ଚାଲିଯିବେ ।

**ଦର୍ବି** – (ପ୍ରେରିତ ୧୪:୨୦) ପାଠ୍ୟାଂଶ କହେ ଯେ, ପାଉଲ ଓ ବର୍ଣ୍ଣବ୍ବା କେବଳ ଏକଦିନ ଦର୍ବିରେ ବିତାଇଲେ ମାତ୍ର ଊର୍ଦ୍ଧ୍ୱକୁ ଉଠାଇବା ଆଣିଲେ । ଯେତେବେଳେ ସେମାନେ ସୁସମାଚାର ପ୍ରଚାର କଲେ ଓ ଅନେକଙ୍କୁ ଶିଷ୍ୟରେ ପରିଣତ କଲେ ।

**ସିରିଆରେ ଆନ୍ତିୟୋଖକୁ ଫେରିଲେ** – (ପ୍ରେରିତ ୧୪:୨୧-୨୮) ସେମାନେ ଗୃହକୁ ସହଜ ପଥ ନେଇ ଗମନ କରିପାରିଲେ ନାହିଁ, ଯଦିବା ଏପରିକି ଏହା ବିପଦ ଓ ସାନ୍ତ୍ୱନାହୀନ ବୋଧ ହେଲା । ପାଉଲ ଓ ବର୍ଣ୍ଣବ୍ବା ସେମାନଙ୍କ ମେଷମାନଙ୍କ (ନୂତନ ବିଶ୍ୱାସୀ) କୋମଳ ଭାବେ ଯତ୍ନ ନେଇଥିଲେ । ସେମାନଙ୍କୁ ଦେଖିବା ପାଇଁ ଆନ୍ତିୟୋଖକୁ ଫେରିବା ବାଟରେ ଅଟକିବା ଦ୍ୱାରା । ଲୁସ୍ତ୍ରା ଓ ଇକନିୟରେ ଆରମ୍ଭ ବେଳେ ପାଉଲ ମେଷପାଳକମାନଙ୍କୁ ନିଯୁକ୍ତ କରିଥିଲେ ଓ ସେମାନଙ୍କୁ ତାଙ୍କ ହସ୍ତରେ ସମର୍ପଣ କରିଥିଲେ । ପାଉଲଙ୍କ ଫିଲିପ୍ପୀୟ ମଣ୍ଡଳୀକୁ ପତ୍ର ଅନୁସାରେ ସେ ଏହି ନୂତନ ବିଶ୍ୱାସୀମାନଙ୍କ ଉପରେ ବିଶ୍ୱାସ ରଖିଥିଲେ ଖ୍ରୀଷ୍ଟଙ୍କୁ ହସ୍ତରେ ସେମାନଙ୍କୁ ସର୍ମପଣ କରି, ଯେ କି ଉତ୍ତମ ମେଷପାଳକ ଓ ସେମାନଙ୍କୁ ନିଜ ସାନିଧରେ ରଖିବେ । ଯେକୌଣସି ପରିସ୍ଥିତିରେ ସେମାନଙ୍କ ପାଇଁ କିଛି ନୁହେଁ । ‘‘ଯେ ତୁମ୍ଭମାନଙ୍କ ଅନ୍ତରରେ ଉତ୍ତମକାର୍ଯ୍ୟ ଆରମ୍ଭ କରିଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁଙ୍କ ଦିନ ପର୍ଯ୍ୟନ୍ତ ତାହା ସାଧନ କରିବେ ଏହାତ ମୁଁ ଦୃଢ଼ରୂପେ ବିଶ୍ୱାସ କରେ ? (ଫିଲିପ୍ପୀ ୧:୬)

ଥେସଲନୀକୀ ୨:୭-୮ରେ ଆମେ ଦେଖୁ, ପାଉଲଙ୍କ ହୃଦୟ ଏକ ସାଁ ପର ତାଙ୍କ ନୂତନ ପରିବର୍ତ୍ତିତ ବ୍ୟକ୍ତିଙ୍କ ପାଇଁ ଥିଲା । ପାଉଲ ଓ ବର୍ଣ୍ଣବ୍ବା ପ୍ରାୟ ଦୁଇବର୍ଷ ଦୂରରେ ଥିଲେ । ସେମାନଙ୍କୁ ପ୍ରେରଣକର୍ତ୍ତା ଈଶ୍ୱରଙ୍କ କାର୍ଯ୍ୟ ସେମାନେ ସଫଳ କରିଥିଲେ । ଆନ୍ତିୟୋଖକୁ ଫେରି ସେମାନେ ଥରେ ସେମାନେ ସେମାନଙ୍କ ଗୌରବମୟ ସାହସିକତାର ସମ୍ପୂର୍ଣ୍ଣ ବିବରଣୀ ପରିବେଷଣ କରିଥିଲେ । ସେମାନେ ବର୍ଣ୍ଣନା କରିଥିଲେ, କିପରି ଈଶ୍ୱର କାର୍ଯ୍ୟକଲେ ଅନେକ ନଗରମାନଙ୍କୁ ସୁସମାଚାର ପ୍ରଚାର ଅଗ୍ରସର କରାଇଗଲେ ଓ ତତ୍ପରେ ଶାରୀରିକ ଓ ଆତ୍ମିକ ବିଶ୍ରାମର ସମୟକୁ ସେମାନେ ଗଲେ ।

***ଈଶ୍ୱରଙ୍କୁ ଓ ତାହାଙ୍କ ପୁତ୍ରଙ୍କୁ ଅଗ୍ରାହ୍ୟ କରିବାର ଅନନ୍ତକାଳୀନ ଶେଷଫଳ ଅଛି***

# ପ୍ରେରିତ ପୁସ୍ତକ

## ନବମ ପାଠ : ୧୫ ଅଧ୍ୟାୟ

**ପ୍ରସଙ୍ଗ ବାକ୍ୟ : ମଣ୍ଡଳୀରେ ଆନୁଷ୍ଠାନିକଭାବେ ସପକ୍ଷ ଓ ବିପକ୍ଷ ଆଲୋଚନା, ''ବିଜାତୀୟମାନେ ବ୍ୟବସ୍ଥା ଦ୍ୱାରା ବନ୍ଧନଗ୍ରସ୍ତ କି'' ? ଏବଂ ପାଉଲ ଓ ବର୍ଣ୍ଣବ୍‌ବାଙ୍କ ମଧ୍ୟରେ ଯୋହନ ମାର୍କଙ୍କ ଉପରେ ଯୁକ୍ତି ତର୍କ ।**

**୧ମ ଦିବସ**
**ପ୍ରେରିତ ୧୩:୧–୧୨ ପାଠ କର**

୧. ଯିହୁଦା ପ୍ରଦେଶରୁ ଆସିଥିବା ଯିହୁଦୀମାନଙ୍କ ମଧ୍ୟରୁ ମତଭେଦ, ଅଣଯିହୁଦୀ ବିଶ୍ୱାସୀମାନଙ୍କ ବିଶ୍ୱାସ ବିଷୟରେ କ'ଣ ଥିଲା ?

୨. ପାଉଲ ଓ ବର୍ଣ୍ଣବ୍‌ବା ଯିହୂଦା ପ୍ରଦେଶରୁ ଆସିଥିବା ଯିହୁଦୀମାନଙ୍କ ସହିତ ଏକମତ ବା ନୁହଁନ୍ତି ?

୩. ପାଉଲ ଓ ବର୍ଣ୍ଣବ୍‌ବାଙ୍କ ସହିତ ଯିରୂଶାଲମକୁ କିଏ ଗଲେ ?

**୨ୟ ଦିବସ**
**ପ୍ରେରିତ ୧୫:୪–୧୧ ପାଠ କର**

୧. ପାଉଲ ଓ ବର୍ଣ୍ଣବ୍‌ବା ଯିରୂଶାଲମରେ ପହଞ୍ଚିବା ପରେ କିଏ ସେମାନଙ୍କୁ ସ୍ୱାଗତ କଲେ ?

୨. ଏହି ଯିହୂଦୀମାନେ କିଏ ଯେଉଁମାନେ ବିଶ୍ୱାସୀମାନଙ୍କୁ ସୁନ୍ନତ ହେବାକୁ ଦେଇପାରୁ ଥିଲେ ?

୩. କିପରି ପିତର ଅଣ–ଯିହୂଦୀମାନଙ୍କୁ ଓ ସେ ଜାଣିଥିବା ଈଶ୍ୱରଙ୍କୁ ସମର୍ଥନ କଲେ ?

୪. କିପରି ପିତର ଜଣକୁ ପରିତ୍ରାଣପ୍ରାପ୍ତ ବୋଲି କହିଲେ ? ଆମେ ସମସ୍ତେ କ'ଣ ସେହିପରି ବାଟରେ ପରିତ୍ରାଣ ପ୍ରାପ୍ତ ?

**୩ୟ ଦିବସ**
**ପ୍ରେରିତ ୧୨:୧୨–୨୧ ପାଠ କର**

୧. ଯାକୁବ, ଅଣଯିହୂଦୀମାନଙ୍କୁ ଗ୍ରହଣ କରିବା ବିଷୟରେ କ'ଣ କହିଥିଲେ ?

୨. କେଉଁ ଭବିଷ୍ୟତ୍‌ବାକ୍ୟ ସେମାନଙ୍କ ଦିନରେ ସଫଳ ହେଲା ? (ଆମୋଷ ୯:୧୧-୧୨, ଯିରିମୀୟ ୧୨:୧୫, ଯିଶାଇୟ ୪୫:୨୧ ମଧ୍ୟ ଦେଖ)

୩. ତୁମେ କିପରି ଯାକୁବଙ୍କୁ (ଯୀଶୁଙ୍କ ଭାଇଙ୍କୁ) ଏକ ନେତା ଭାବେ ବର୍ଣ୍ଣନା କରିଥାଆନ୍ତ ?

୪. ଅସ୍ୱୀକୃତି ସମସ୍ୟା ସମାଧାନ କରିବାକୁ ଯାକୁବ କେଉଁ ଶେଷ ପ୍ରସ୍ତାବ ଦେଇଥିଲେ ?

**୪ର୍ଥ ଦିବସ**

**ପ୍ରେରିତ ୧୫:୨୨-୩୫ ପାଠ କର**

୧. ଆନ୍ତିୟୋଖକୁ ଯିବାକୁ ଯେଉଁମାନେ ପ୍ରତିନିଧିତ୍ୱ ସ୍ଥିର କରିଥିଲେ ସେମାନଙ୍କର ନାମର ତାଲିକା ଦିଅ ।

୨. ସେମାନେ କିପ୍ରକାର ଲୋକ ଥିଲେ ?

୩. ଆନ୍ତିୟୋଖ ମଣ୍ଡଳୀରେ ଏହି ପତ୍ରର ଫଳାଫଳ କ'ଣ ଥିଲା ?

୪. ତୁମେ କାର୍ଯ୍ୟରେ ଦେଖାଇ ପାରିଥିବା ଏକ ଶିକ୍ଷା ନୂତନ ବିଶ୍ୱାସୀମାନଙ୍କ ପ୍ରତି ସଚେତନ ହେବା ବିଷୟରେ ଦିଅ ।

୫. ଆନ୍ତିୟୋଖରେ ବିଶ୍ୱାସୀମାନଙ୍କୁ ସେବା ଦେବାକୁ ଯିରୂଶାଲମରୁ ଯେଉଁମାନେ ଆସିଥିଲେ ସେମାନଙ୍କ ସେବାକାର୍ଯ୍ୟର ପଥମାନର ନାମ ତୁମେ କହିପାରିବ କି ?

**୫ମ ଦିବସ**

**ପ୍ରେରିତ ୧୫:୩୬-୪୦ ପାଠ କର**

୧. ପାଉଲ କାହିଁକି ଅନ୍ୟ ଏକ ମିଶନେରୀ ଯାତ୍ରାରେ ଯିବାକୁ ଚାହିଁଥିଲେ ?

୨. ପାଉଲ ଓ ବର୍ଣ୍ଣବ୍ବାଙ୍କ ମଧ୍ୟରେ କ'ଣ ଅସ୍ୱୀକୃତି ଥିଲ ?

୩. ଏହି ବିଭକ୍ତ ବା ପୃଥକ୍ ହେବାର ଆସ୍ତିବାଚକ ଓ ନାସ୍ତିବାଚକ ଫଳମାନ ଅବା ବନ୍ଧୁମାନଙ୍କ ପୃଥକୀକରଣ କୌଣସି ପୃଥକୀକୃତ ହେବାର ଫଳସବୁ ତାଲିକା କିଛି କର ।

୪. କିପରି ଏହି ସାହାଯ୍ୟ ଓ ଆହ୍ୱାନ ତୁମକୁ କାର୍ଯ୍ୟକରିବାକୁ ଦେବ ?

**ଷଷ୍ଠ ଦିବସ**

## ନବମ ପାଠ : ‘‘ଭାତୃଗଣ ମଧ୍ୟରେ ଯୁକ୍ତିତର୍କ ଉଠିଥାଏ’’ (୨ୟ ମିଶ୍ନେରୀ ଯାତ୍ରା)

| | |
|---|---|
| ପାଠ୍ୟାଂଶ : | **୧୫ ଅଧ୍ୟାୟ** |
| ମୁଖ୍ୟ ପଦ : | **ପ୍ରେରିତ ୧୫:୯ ‘‘ଆଉ, ସେ ଆମ୍ଭମାନଙ୍କ ଓ ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନ ରଖି ବିଶ୍ୱାସ ଦ୍ୱାରା ସେମାନଙ୍କର ହୃଦୟ ଶୁଚି କରିଅଛନ୍ତି ।’’** |
| ପ୍ରସଙ୍ଗ ବାକ୍ୟ : | **ମଣ୍ଡଳୀ, ଆନୁଷ୍ଠାନିକଭାବେ ସପକ୍ଷ ଓ ବିପକ୍ଷ ଆଲୋଚନା କରେ ବିଜାତୀୟମାନେ ବ୍ୟବସ୍ଥାର ବନ୍ଧନରେ ବନ୍ଧନଗ୍ରସ୍ତ କି ? ପାଉଲ ଓ ବର୍ଣ୍ଣବ୍‌ବାଙ୍କ ଯୋହନ ମାର୍କଙ୍କ ଉପରେ ଯୁକ୍ତି ତର୍କ ।** |

**ସରାଂଶ :** ଯିହୁଦାରୁ କେତେକ ଲୋକ ଆସିଲେ ଓ ଆନ୍ତିୟୋଖରେ ଏକ ସପକ୍ଷ ଓ ବିପକ୍ଷ ଆଲୋଚନା ‘‘ବିଜାତିମାନେ ବ୍ୟବସ୍ଥା ପାଳନ କରିବାକୁ ବନ୍ଧନଗ୍ରସ୍ତ ଥିଲେ କି ନାହିଁ’’, ଉପରେ ଯୁକ୍ତିତର୍କକୁ ଉତ୍ତେଜିତ କଲେ । ପାଉଲଓ ବର୍ଣ୍ଣବ୍‌ବା ମଧ୍ୟରେ ଉତ୍ପତ୍ତ ହୋଇଥିବା ଆଲୋଚନାରେ ଭାଇମାନେ ସ୍ଥିର କଲେ ଯେ, ସେମାନେ (ପାଉଲ ଓ ବର୍ଣ୍ଣବ୍‌ବା ଓ କେତେକ ଅନ୍ୟ ଲୋକମାନେ) ଯିରୂଶାଲମକୁ ଯିବା ଉଚିତ, ତେବେ ମଣ୍ଡଳୀ ସେଠାରେ ବିଷୟଟି ସ୍ଥିର କରିବ ।

ଯେତେବେଳେ ସେମାନେ ଯିରୂଶାଲମରେ ପହଞ୍ଚିଲେ, ସେମାନେ ମଣ୍ଡଳୀ ଦ୍ୱାରା ଗ୍ରହଣ କରାଗଲେ, ମାତ୍ର କେତେକ ଫାରୂଶୀ ଜାତିର ବିଶ୍ୱାସୀମାନେ ଉତ୍ଥିତ ହେଲେ ଓ ବ୍ୟବସ୍ଥା ସପକ୍ଷରେ କହିଲେ, ଯେ ବିଜାତିମାନେ ପରିତ୍ରାଣ ଲାଭ କରିବାକୁ ସୁନ୍ନତ କରାଯିବା ଓ ବ୍ୟବସ୍ଥାର ଅନୁଗାମୀ ହେବା ଉଚିତ । ପିତର ଯେ କି ଈଶ୍ୱରଙ୍କ କାର୍ଯ୍ୟକୁ ସପକ୍ଷତା ଦେଲେ ଓ ସେ ବିଜାତିମାନଙ୍କ ପାଇଁ କ'ଣ କରିଛନ୍ତି କହିଲେ, ‘‘ଆଉ ସେ ଆମ୍ଭମାନଙ୍କୁ ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନ ରଖି ବିଶ୍ୱାସ ଦ୍ୱାରା ସେମାନଙ୍କ ହୃଦୟ ଶୁଚି କରିଅଛନ୍ତି । ଏଣୁ ଯେଉଁ ଯୁଆଳି ଆମ୍ଭମାନଙ୍କ ପିତୃପୁରୁଷ ଓ ଆମ୍ଭେମାନେ ବହିବାକୁ ଅକ୍ଷମ ହେଉ, ସେହି ଯୁଆଳି ଶିଷ୍ୟମାନଙ୍କ କାନ୍ଧରେ ଦେଇ କାହିଁକି ଆପଣମାନେ ଈଶବରଙ୍କୁ ପରୀକ୍ଷା କରୁଅଛନ୍ତି’’ ? (ପ୍ରେରିତ ୧୫:୧୦) । ପାଉଲ ଓ ବର୍ଣ୍ଣବ୍‌ବା ତା'ପରେ ଈଶ୍ୱର କିପରି ତାହାଙ୍କ ଅନୁଗ୍ରହ, ବିଜାତିମାନଙ୍କୁ ଅନେକ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ମାଧ୍ୟମରେ ଦେଖାଇଲେ ତାହା ସମ୍ପୃକ୍ତ କଲେ । ତତ୍‌ପରେ କିପରି ଈଶ୍ୱର ଆପଣା ପାଇଁ ଅଣଯିହୁଦୀମାନଙ୍କୁ ମଧ୍ୟ ମନୋନୀତ କରିଥିଲେ । ମହାନ ଜ୍ଞାନରେ ଯାକୁବ ସଫଳ ଭାବରେ ପ୍ରସ୍ତାବ ଦେଲେ ଯେ, ସେମାନେ

ବ୍ୟବସ୍ଥାର ମିଥ୍ୟା ଶିକ୍ଷାକୁ ପ୍ରତ୍ୟାଖ୍ୟାନ ବା ପରିତ୍ୟାଗ କରିବାକୁ ଆନ୍ତିୟୋଖ ମଣ୍ଡଳୀକୁ ପତ୍ରମାନ ପଠାଉ, ତାହା ପରିବର୍ତ୍ତେ ସେମାନଙ୍କୁ ନିର୍ଦ୍ଦେଶ ଦେଉ ଯେ, ''ତୁମ୍ଭେମାନେ ପ୍ରତିମାମାନଙ୍କ ନିକଟରେ ଉତ୍ସର୍ଗୀକୃତ ବଳି ଓ ପଦାର୍ଥମାନ ଓ ରକ୍ତ, ଶ୍ୱାସରୋଧ ଦ୍ୱାରା ମୃତ ପ୍ରାଣୀ ଓ ପରଦାରଠାରୁ ପୃଥକ୍ ରୁହ ।

କିଛି ସମୟ ପରେ ପାଉଲ ରୋପଣ କରିଥିବା ମଣ୍ଡଳୀମାନ ପ୍ରଥମ ମିଶନେରୀ ଯାତ୍ରାରେ, ସେଠାକୁ ଫେରିବା ପାଇଁ ତାଙ୍କ ସହିତ ଯୋଗ ଦେବାକୁ ବର୍ଣ୍ଣବ୍ବାଙ୍କୁ ନିମନ୍ତ୍ରଣ କଲେ । କ'ଣ ଅନୁଗାମୀ ହେଲା ? ଏକ ବଳିଷ୍ଠ କଳହ ଉଭୟଙ୍କ ମଧ୍ୟରେ ହୋଇଥିଲା । ବର୍ଣ୍ଣବ୍ବା ସେମାନଙ୍କ ସହିତ ଯୋହନ ମାର୍କଙ୍କୁ ନେବାକୁ ଆକାଂକ୍ଷିତ ହେଲେ, ମାତ୍ର ପାଉଲ ତୀକ୍ଷ୍ଣ ଭାବରେ ନାସ୍ତି କଲେ । କାରଣ ମାର୍କ ପାମ୍ଫିଲିଆରେ ସେମାନଙ୍କ ଶେଷ ମିଶ୍ନେରୀ ଯାତ୍ରା ଛାଡ଼ି ଚାଲିଯାଇଥିଲେ (ପ୍ରେରିତ ୧୩:୧୩) । ମାର୍କ କାହିଁକି ଛାଡ଼ି ଚାଲିଯାଇଥିଲେ ବିଶେଷ କିଛି ସେ ବିଷୟରେ କୁହାଯାଇ ନାହିଁ । ସମ୍ଭବତଃ ଗୃହକୁ ଯିବାକୁ ମନେହେଲା କିଅବା ଯାତ୍ରାର ଶିହରଣ ସହ୍ୟ କରିବା ପାଇଁ ପ୍ରସ୍ତୁତ ନ ଥିଲେ । ସମ୍ଭବତଃ ସେ ପାଉଲଙ୍କ ନେତୃତ୍ୱର ବିରୋଧୀ ଥିଲେ ଓ ତାଙ୍କ ସମ୍ପର୍କୀୟ ଭ୍ରାତା ବର୍ଣ୍ଣବ୍ବା ଦାୟିତ୍ୱରେ ରହିବାକୁ ସେ ଚାହୁଁଥିଲେ । ଏହି ନୂତନ ନିମନ୍ତ୍ରଣ ଅଣଯିହୁଦୀମାନଙ୍କ ପାଇଁ ଅନୁଗ୍ରହର ନିମନ୍ତ୍ରଣ । ତାହା ଦ୍ୱାରା ସେ ଅଶ୍ୱସ୍ତି ଅନୁଭବ କରିପାରୁଥାଆନ୍ତି । ତାଙ୍କର ସେହି ଯାତ୍ରା ଛାଡ଼ିଯିବାର ବହୁତ କାରଣ ଥିଲେ ସୁଦ୍ଧା, ତାହା ମନରେ ନ କର, ଆମ୍ଭେମାନେ ଜାଣୁ ଯେ, ପାଉଲ ଗଭୀରଭାବେ ଅପମାନିତ ଓ ତାଳାତକର ଦଣ୍ଡ ଯୋଗ୍ୟ ରୂପେ ବିବେଚନା କରିଥିଲେ । ବର୍ଣ୍ଣବ୍ବା ଏତେ ଦୃଢ଼ ଭାବେ ଅନୁଭବ କଲେ ଯେ, ମାର୍କଙ୍କୁ ଆଉ ଏକ ସୁଯୋଗ ଦିଆଯିବା ଉଚିତ – ଯେପରି ପାଉଲ ଓ ସେ, ସେମାନଙ୍କ ପୃଥକ ପଥମାନଙ୍କରେ ଗଲେ ! ବର୍ଣ୍ଣବ୍ବା ଯୋହନ ମାର୍କଙ୍କୁ ନେଲେ ଓ ପାଉଲ ଶୀଲାଙ୍କୁ ନେଲେ । ବର୍ଣ୍ଣବ୍ବା ପୁନର୍ବାର ମାର୍କଙ୍କୁ ତାଙ୍କ ଡେଣା ତଳେ ନେଲେ ଯେପରି ସେ ପାଉଲଙ୍କ ସହ କରିଥିଲେ ଓ ତାଙ୍କ ଏକ ପାର୍ଶ୍ୱରେ ଚାଲିଲେ, ତାଙ୍କଠାରେ ବିଶ୍ୱାସ କଲେ ଓ ତାଙ୍କ ପଇଁ ଯୁଦ୍ଧ କଲେ । ନିଶ୍ଚୟ ହେବାକୁ, ବର୍ଣ୍ଣବ୍ବାଙ୍କ ପରିଶ୍ରମ ବହୁତ ଫଳ ଉତ୍ପନ୍ନ କଲା । ମାର୍କ ପରବର୍ତ୍ତି ସମୟରେ ପାଉଲଙ୍କ ସହ ଏକ ଅଂଶୀ ରୂପେ ଅଙ୍କୁରିତ ହେଲେ । ସମ୍ପୂର୍ଣ୍ଣ ନୂତନୀକୃତ ଓ କ୍ଷମାପ୍ରାପ୍ତ । କଲସୀୟ ୪:୧୦ ଓ ଫିଲିମୋନ ୨୪ ଉଭୟରେ ପାଉଲ ମାର୍କଙ୍କୁ ତାଙ୍କ ''ସହକର୍ମୀ'' ରୂପେ ଉଦ୍ଧୃତ କରିଛନ୍ତି । ସେ ଥିଲେ, ପାଉଲ ଯେପରି ୨ ତୀମଥି ୪:୧୧ରେ ଲେଖନ୍ତି, ''ମୋର ସେବା ପାଇଁ ବ୍ୟବହାର ଯୋଗ୍ୟ ।'' ସେ ଏପରିକି ମାର୍କ ଲିଖିତ ସୁସମାଚାର ଲେଖିବାକୁ ଗଲେ । ଈଶ୍ୱରଙ୍କ ପ୍ରଶଂସା କରୁ, ତାହାଙ୍କ ଦୟା ପାଇଁ ଯାହା ମନୁଷ୍ୟମାନଙ୍କୁ ଅନୁଗ୍ରହ ଓ ଉତ୍ସାହର ମଧ୍ୟଦେଇ ଆସିଥାଏ ।

***''ବିଶ୍ୱାସୀମାନେ ଦେଖାନ୍ତି, କିପରି ସେମାନଙ୍କ ଜୀବନ ଯାପନ କରିବେ***
***ସେଥିପାଇଁ ଈଶ୍ୱରଙ୍କ ଦ୍ୱାରା ସେମାନେ ପୃଥକୀକୃତ ।''***

# ପ୍ରେରିତ ପୁସ୍ତକ

## ୧୦ମ ପାଠ : ୧୬–୧୭ ଅଧ୍ୟାୟ

**ପ୍ରସଙ୍ଗ ବାକ୍ୟ : ପାଉଲ ଯିହୁଦୀମାନଙ୍କ ସହିତ ଧର୍ମଶାସ୍ତ୍ରରୁ ଯୁକ୍ତିମାନ କଲେ ଏବଂ ଗ୍ରୀକ୍‌ମାନେ ସୃଷ୍ଟି କଲେ ।**

**୧ମ ଦିବସ**
**ପ୍ରେରିତ ୧୬:୧–୧୦ ପାଠ କର**

୧. ତୀମଥିଙ୍କ ପୃଷ୍ଠଭୂମି ବିଷୟ ବର୍ଣ୍ଣନା କର ।

୨. ଏହି ଦ୍ୱିତୀୟ ମିଶନେରୀ ଯାତ୍ରାରେ ଥିବା ତିନି ସହଗାମୀଙ୍କ ନାମ ପ୍ରକାଶ କର ।

୩. ପାଉଲ ଏସିଆକୁ ଯିବାରେ କ'ଣ ବାଧା ଦେଲା ?

୪. ପାଉଲଙ୍କ ପାଇଁ ଈଶ୍ୱରଙ୍କ କେଉଁ ଯୋଜନାଗୁଡ଼ିକର ପରିବର୍ତ୍ତନ ଅଛି ? ଓ ଏକ ନୂତନ ଦିଗରେ ଗତି କରିବା ଲାଗି ପାଉଲ କିପରି ପ୍ରତ୍ୟୁତ୍ତର ଦେଲେ ।

୫. ଈଶ୍ୱର ଯଦି ତୁମ ଗତି ପରିବର୍ତ୍ତନ କରିବାକୁ ପସନ୍ଦ କରନ୍ତି, ତୁମେ କ'ଣ ଇଚ୍ଛୁକ ?

୬. ''ଆମ୍ଭେମାନେ'' ଶବ୍ଦ ୧୦ ପଦରେ ଲକ୍ଷ୍ୟ କର, ଏହା ପାଉଲଙ୍କ ସହିତ କେଉଁ ଅନ୍ୟ ଏକ ଯାତ୍ରୀଙ୍କୁ ଅନ୍ତର୍ଗତ କରିଅଛି ?

**୨ୟ ଦିବସ**
**ପ୍ରେରିତ ୧୬:୧୧–୪୦ ପାଠ କର**

୧. ନଦୀ ପାର୍ଶ୍ୱରେ ତାଙ୍କ ପାଇଁ ଅପେକ୍ଷାରେ ଥିବା କାହାକୁ ପାଉଲ ପାଇଲେ ?

୨. ଲୁଦିଆଙ୍କ ବିଷୟ ଓ ପାଉଲ ଆତିଥ୍ୟ ସମ୍ବାଦ ପ୍ରତି ତାଙ୍କର ପ୍ରତ୍ୟୁତ୍ତର ବିଷୟରେ ତୁମେ କ'ଣ କହିପାର ?

୩. ଏହି ଲୋକମାନଙ୍କ ଦଳ ଯେଉଁ ବିରୋଧର ସମ୍ମୁଖିନ ହେଲେ ଓ ସେମାନଙ୍କ ବିଷୟର ବର୍ଣ୍ଣନା କର ।

୪. ତୁମ ନିଜ ଜୀବନରେ ବିରୋଧ ମାଧ୍ୟମରେ ଆସିଥିବା ଅନନ୍ତକାଳୀନ ଆଶୀର୍ବାଦ ଗୋଟିଏ ପ୍ରକାଶ କରି ପାରିବ କି ?

୫. ପାଉଲ ସହର ପରିତ୍ୟାଗ କରିବା ପୂର୍ବେ କ'ଣ କରିଥିଲେ ?

**୩ୟ ଦିବସ**

**ପ୍ରେରିତ ୧୭:୧–୧୫ ପାଠ କର**

୧. ପାଉଲ ଥେସଲନୀକୀରେ ପହଞ୍ଚିବା ପରେ ସେ କେଉଁଠାକୁ ଯାଇଥିଲେ ଓ ଲୋକମାନଙ୍କୁ କ'ଣ ଶିକ୍ଷା ଦେଲେ ?

୨. ବିଭିନ୍ନ ପ୍ରକାର ଲୋକମାନଙ୍କଠାରୁ ପ୍ରତ୍ୟୁତ୍ତର ବ୍ୟାଖ୍ୟା କର ।

୩. କିଏ ସେମାନଙ୍କୁ ସମସ୍ୟା ସୃଷ୍ଟି କଲା ? କାହିଁକି ?

**୪ର୍ଥ ଦିବସ**

**ପ୍ରେରିତ ୧୭:୧୦–୧୫ ପାଠ କର**

୧. ପାଉଲ ଓ ଶୀଲାଙ୍କୁ ରାତ୍ର ମଧ୍ୟରେ ଦୂରକୁ ପଠାଇ ଦେଲେ ?

୨. ବେରିୟା ଲୋକମାନଙ୍କୁ ବର୍ଣ୍ଣନା କରିବାକୁ ବାକ୍ୟମାନ ଦିଅ ।

୩. କିଏ ଗଣ୍ଡଗୋଳ (ଉତେଜନା) ସୃଷ୍ଟି କରିବାକୁ ଆସିଲେ ?

୪. ବେରିୟାରେ କିଏ ରହିଲେ ଓ କିଏ ଛାଡ଼ି ଚାଲି ଗଲେ ?

**୫ମ ଦିବସ**

**ପ୍ରେରିତ ୧୭:୧୬–୩୪ ପାଠ କର**

୧. ପାଉଲ, ଶିଲା ଓ ତୀମଥିଙ୍କୁ ଅପେକ୍ଷା କରିଥିବା ବେଳେ କ'ଣ ତାଙ୍କୁ ଦୁଃଖ ଦେଲା ?

୨. ଏଥିରେ ଲୋକମାନଙ୍କୁ ଓ ପାଉଲଙ୍କ ବିଷୟରେ ସେମାନଙ୍କ ମତାମତ ବର୍ଣ୍ଣନା କର ।

୩. ପାରାଗ୍ରାଫ୍ ଓ ପଦ ପ୍ରଦାନ କର ଯାହା ଈଶ୍ୱର ସେମାନଙ୍କ ପ୍ରତି ଅଜ୍ଞାତ ବୋଲି ଉଦ୍ଧୃତ କରେ ।

୪. ପାରାଗ୍ରାଫ୍ ଓ ପଦ ପ୍ରଦାନ କର, ଯାହା ପ୍ରକାଶ କରେ ଯେ, ଈଶ୍ୱର ସମସ୍ତ ପଦାର୍ଥରେ ନାହାନ୍ତି ମାତ୍ର ସେ ସବୁକିଛି ସୃଷ୍ଟି କଲେ ।

୫. ପାରାଗ୍ରାଫ୍ (ଅନୁଚ୍ଛେଦ) ଓ ପଦ ପ୍ରଦାନ କର । ଯାହା କହେ ଈଶ୍ୱର ତାହାଙ୍କ ସୃଷ୍ଟିଠାରେ ଦୂରରେ ନାହାନ୍ତି ମାତ୍ର ପ୍ରତ୍ୟେକ ବ୍ୟକ୍ତିର ନିକଟରେ ଅଛନ୍ତି ।

୬. ଅନୁଚ୍ଛେଦ (ପାରା) ଓ ପଦ ପ୍ରଦାନ କର, ଯାହା କହେ, ଈଶ୍ୱର ସାରା ବିଶ୍ୱକୁ ଅଧୀନସ୍ଥ କରନ୍ତି ।

୭. ଅନୁଚ୍ଛେଦ ଓ ପଦ ପ୍ରଦାନ କର, ଈଶ୍ୱର ଭୌଗଳିକ ଅଞ୍ଚଳର ସୀମାରେଖା ସ୍ଥିର କରନ୍ତି ଓ ଐତିହାସିକ ଘଟଣାମାନ ଘଟାନ୍ତି ।

୮. ଅନୁଚ୍ଛେଦ ଓ ପଦ ପ୍ରଦାନ କର, ଯାହା ପ୍ରକାଶ କରେ ଯେ, ଈଶ୍ୱର ପ୍ରତିମୂର୍ତ୍ତି ବା ସାଦୃଶ୍ୟ ପ୍ରତିମା ମାଧ୍ୟମରେ କେବେହେଲେ ପୂଜା କରାଯାଇ ପାରନ୍ତି ନାହିଁ ।

୯. ଅନୁଚ୍ଛେଦ ଓ ପଦ ପ୍ରଦାନ କର, ଯାହା ପ୍ରକାଶ କରେ ଯେ ଈଶ୍ୱର ପକ୍ଷୀମାନଙ୍କୁ ଅନୁତାପ ସହ ମନେଫେରଣ କରିବାକୁ ଆଦେଶ ଦିଅନ୍ତି ।

୧୦. ଅନୁଚ୍ଛେଦ ଓ ପଦ ପ୍ରଦାନ କର ଯେ, ଈଶ୍ୱର ଜଗତର ବିଚାର କରିବେ ।

୧୧. ଉପର ଲିଖିତ ଉତ୍ତରମାନ ମଧ୍ୟରୁ କେଉଁସବୁ ତୁମ ଅଧିକାଂଶଙ୍କୁ ଗ୍ରହଣୀୟ ବା ଅର୍ଥ ପୂର୍ଣ୍ଣ ?

**ଷଷ୍ଠ ଦିବସ**

## ଦଶମ ପାଠ : ''ପରିବର୍ତ୍ତନମାନ''

| | |
|---|---|
| **ପ୍ରସଙ୍ଗର ପାଠ୍ୟାଂଶ :** | **୧୬-୧୭ ଅଧ୍ୟାୟ** |
| **ମୁଖ୍ୟ ପଦ :** | **୧ କରିନ୍ଥୀ ୯:୨୨-୨୩ ''ଯେପରି ମୁଁ ଦୁର୍ବଳମାନଙ୍କୁ ଲାଭ କରି ପାରେ, ଏଥିପାଇଁ ମୁଁ ଦୁର୍ବଳମାନଙ୍କ ନିକଟରେ ଦୁର୍ବଳ ପରି ହେଲି, ଯେପରି ମୁଁ ଯେକୌଣସି ପ୍ରକାରେ କେତେକଙ୍କୁ ରକ୍ଷା କରି ପାରେ, ଏଥିପାଇଁ ମୁଁ ସମସ୍ତଙ୍କ ନିକଟରେ ସବୁପ୍ରକାର ହୋଇଅଛି । ମୁଁ ଯେପରି ସୁସମାଚାରର ଆଶୀର୍ବାଦର ସହଭାଗୀ ହୁଏ, ଏଥିପାଇଁ ମୁଁ ସୁସମାଚାର ନିମନ୍ତେ ସବୁ କରେ ।''** |
| **ପ୍ରସଙ୍ଗ ବାକ୍ୟ :** | **ପାଉଲ ଧର୍ମଶାସ୍ତ୍ରରୁ ଯିହୁଦୀମାନଙ୍କ ସହିତ ଯୁକ୍ତି କଲେ ଏବଂ ଗ୍ରୀକ୍‌ମାନେ ସୃଷ୍ଟିମଧ୍ୟରୁ ଯୁକ୍ତି କଲେ ।** |
| **ଜୀବନର ନିୟମ :** | **ପ୍ରଶଂସା ମାଧ୍ୟମରେ ଲାଗି ରହିବାର (ଅଧ୍ୟବସାୟର) ଶକ୍ତି ଆସେ ।** |

**ସାରାଂଶ :** ପ୍ରେରିତ ୧୬:୧-୩ ଅନୁସାରେ ଏକମାତ୍ର ଉତ୍ତମ ବିଷୟ ଅଛି, ଯାହା ପାଉଲଙ୍କ ସମୟରେ ଲୁସ୍ତ୍ରାରେ ବାହାରି ଆସିଲା । ଯେଉଁଠାରେ ପାଉଲ ଏକ ଗ୍ରୀକ୍ ପରିବାର ମଧ୍ୟରୁ ତୀମଥିଙ୍କ ସାକ୍ଷାତ ପାଇଲେ । ଏହି ଅଞ୍ଚଳ ବିଷୟରେ ସେ ଉତ୍ତମ ବିଷୟ କୁହାଯିବା ଶୁଣିଥିଲେ । ତାଙ୍କର ମାତାମହୀ ଲୁଇ ତାଙ୍କର ଦୃଢ଼ ବା ବଳିଷ୍ଠ ବିଶ୍ୱାସ ପାଇଁ ଉତ୍ତମ ଭାବେ ପରିଚିତ ଥିଲେ ଏବଂ ଏହା ତାଙ୍କ ନାତିଙ୍କ ନିକଟକୁ ବଢ଼ାଇ ଦେଇଥିଲେ ଯାହା ଆମ୍ଭମାନଙ୍କ ପାଇଁ ଏକ ଉତ୍ସାହ ପ୍ରଦାନକାରୀ ସ୍ମରଣୀୟ ବିଷୟ ଯେପରି ବୟସ୍କା ସ୍ତ୍ରୀ ଲୋକମାନେ ଛୋଟ ଛୋଟ ପିଲାଙ୍କ ଜୀବନଗୁଡ଼ିକ ପାଇଁ ବହୁତ ପ୍ରଭାବ ବିସ୍ତାରକାରୀ ହୋଇପାରିବେ । ତୁମେ କୌଣସି ଜଣକୁ ଈଶ୍ୱରଙ୍କ ରାଜ୍ୟ ପାଇଁ ପ୍ରଭାବ ପ୍ରଦାନ କରୁଛ କି ?

ତୀମଥି, ପାଉଲଙ୍କ ସହିତ ଯିବାକୁ ଇଚ୍ଛୁକ ଥିଲେ । ତେଣୁ ସୁନ୍ନତ ହୋଇଥିଲେ (ତାଙ୍କର ପିତା ଜଣେ ଗ୍ରୀକ୍ ଥିବା ହେତୁ) ଏବଂ ସେ ପାଉଲଙ୍କ ସହିତ ଏକତ୍ର, ଯିରୂଶାଲମ ମଣ୍ଡଳୀ ଦ୍ୱାରା ପ୍ରେରଣ କରାଯାଇଥିବା ସ୍ତରର ଅନୁଗାମୀ ହୋଇଥିଲେ । ସେମାନେ ଆତ୍ମାଙ୍କ ଦ୍ୱାରା ଏସିଆ ଓ ବିଥୁନିଆ ମଧ୍ୟରେ ପ୍ରବେଶ କରିବାକୁ ବାରଣ କରାଯାଇଥିଲେ, ତାହା ତ୍ରୋୟାରେ ଶେଷ ହୋଇଥିଲା । ଏହିଠାରେ ପାଉଲ ''ମାକିଦନିଆ ଆହ୍ୱାନ'' ପ୍ରାପ୍ତ ହେଲେ । ତେଣୁ ସେମାନେ ତତ୍‌କ୍ଷଣାତ୍ ଜଳଯାତ୍ରାରେ ବାହାରିଗଲେ ।

ସମଥ୍ରୀ ଓ ନିଆପଲ୍ଲି ଅତିକ୍ରମ କରି ସେମାନେ ଫିଲିପ୍ପୀକି ଆସିଲେ ଏବଂ ସେଠାରେ କେତେକ ଦିନମାନ ବିତାଇଲେ । ସେମାନଙ୍କ ଅଭ୍ୟାସାନୁସାରେ ସେମାନେ ଯୀଶୁଙ୍କ ଉତ୍ତମ ସମ୍ବାଦମାନ କହିବାକୁ ଏକ ସମାଜଗୃହ ପାଇଁ ଅନ୍ୱେଷଣ କଲେ । ଯେତେବେଳେ ଏକ ସମାଜଗୃହ ମିଳିପାରିଲା ନାହିଁ, ସେମାନେ ସେମାନେ ନଗର ଦ୍ୱାରର ବାହାରକୁ ଗମନ କଲେ ଓ ଏକ ମହିଳାଦଳ ନଦୀ ପାର୍ଶ୍ୱରେ ପ୍ରାର୍ଥନା କରୁଥିବା ଦେଖିଲେ । ଏହିଠାରେ ସେ ଲୁଦିଆଙ୍କର ସାକ୍ଷାତ ପାଇଲେ, ଜଣେ ସଫଳୀକୃତ ବ୍ୟବସାୟୀ ସ୍ତ୍ରୀଲୋକ ଓ ବାଇଗଣିଆ ବସ୍ତ୍ର ବ୍ୟବସାୟର ବଣିକ ଥିଲେ । ଈଶ୍ୱର ପୂର୍ବରୁ ତାହା ପାଖକୁ ଯାଇ ତାହାର ହୃଦୟକୁ ପରିତ୍ରାଣର ସମ୍ବାଦ (୧୬ ପଦ) ପାଇଁ ପ୍ରସ୍ତୁତ କରିଥିଲେ । ଲୁଦିଆର ଜୀବନର ଗତି ବଦଳି ଗଲା ସେହି ସାକ୍ଷାତ୍‌କାରରେ, ପାଉଲଙ୍କ ପରି । ଦମ୍ମେସକ ପଥ ଉପରକୁ ପୁନଃ ଫେରିଲେ । ପ୍ରେରିତ ୧୬:୧୪ କହେ, ''ଲୁଦିଆ ଆମ୍ଭମାନଙ୍କ କଥା ଶୁଣୁଥିଲା ... ପ୍ରଭୁ ତଙ୍କର ହୃଦୟ ଫିଟାଇଦେଲେ ଯେପରି ସେ ପାଉଲଙ୍କ କଥିତ ବିଷୟଗୁଡ଼ିକ ପ୍ରତି ମନୋଯୋଗ କରନ୍ତି ।'' ଈଶ୍ୱର ତାଙ୍କ ଜୀବନକୁ ଫିଲିପ୍ପୀରେ ମଣ୍ଡଳୀ ନିର୍ମାଣ କରିବାକୁ ବ୍ୟବହାର କଲେ, ସର୍ବତ୍ର ୟୁରୋପ ସୁସମାଚାର ପ୍ରତି ଦ୍ୱାର ଉନ୍ମୁକ୍ତ କଲା । ତୁମେ କ'ଣ ଲୁଦିଆଙ୍କ ପରି ସତ୍ୟ ପାଇଁ ମଧ୍ୟ କ୍ଷୁଧିତ ?

ଏକ ପ୍ରାର୍ଥନାର ସ୍ଥଳକୁ ସମ୍ମୁଖ ଦୃଷ୍ଟି ରଖି ଯିବା ବେଳେ, ସେମାନେ ଏକ ଭୂତଗ୍ରସ୍ତ ଦାସୀକୁ ଭେଟିଲେ, ଯାହାର ଦୈବିକ ଆତ୍ମା, ଲାଭ ନିମନ୍ତେ ବ୍ୟବହୃତ ହେଉଥିଲା । ତାହା ମଧ୍ୟରେ ଥିବା ଆତ୍ମା ପାଉଲଙ୍କୁ ବହୁତ ବିରକ୍ତ କଲା । ଏହା ଘୋଷଣା କରି, ''ଏହି ବ୍ୟକ୍ତିମାନେ ପରାତ୍ପର ଈଶ୍ୱରଙ୍କ ଦାସ, ସେମାନେ ତୁମ୍ଭମାନଙ୍କୁ ପରିତ୍ରାଣର ପଥ ଜଣାଇ ଅଛନ୍ତି'' ଠିକ୍ ଯେପରି ଯୀଶୁ ଅନେକ ସମୟରେ କରୁଥିଲେ, ପାଉଲ ଭୂତକୁ ନୀରବ କଲେ ଏବଂ ସେହି ବାଳିକାଠାରୁ ବାହାର କରି ପଠାଇ ଦେଲେ । ଆମ୍ଭେମାନେ ଏକ ସତର୍କବାଣୀ ଅନୁଭବ କରୁ ଏବଂ ସ୍ମରଣ କରାଇ ଦିଆଯାଇଥାଏ, ଆମ୍ଭେମାନେ ଯେକୌଣସି ସେବାକାର୍ଯ୍ୟ ଆରମ୍ଭ କରିବା ବେଳେ ଶୟତାନ ଆମ ବିରୁଦ୍ଧରେ କାର୍ଯ୍ୟରତ ଓ ବିରୋଧରେ କାର୍ଯ୍ୟ କରେ । କୁହୁକ କାର୍ଯ୍ୟ ଈଶ୍ୱରଙ୍କ ଦ୍ୱାରା ବାରଣ କରାଯାଇଛି । ଲେବୀ ୨୦:୨୭, ଆତ୍ମିକ ଶକ୍ତିମାନଙ୍କୁ ବିତାଡ଼ିତ କରେ, ବିପଦ ଏପରିକି ଯାହା କ୍ଷତିକାରକ ନ ଥିବା ପରି ଜଣା ପଡ଼ିପାରେ, ବିଦ୍ରୋହୀ ଅବାଧ୍ୟତା ପରି । ଏହି ଅନ୍ଧତା ଆମକୁ ଶେଷ ଅନ୍ଧକାର ସ୍ମରଣ କରାଏ, ଯାହା ସେହି ଲୋକଙ୍କ ଉପରକୁ ଆସିବ ଯେଉଁମାନେ ଜାଣତରେ ଈଶ୍ୱରଙ୍କ ଅବାଧ୍ୟ ହୁଅନ୍ତି ଓ ଯାଦୁବିଦ୍ୟାରେ ସିକ୍ତ ହେବା ପସନ୍ଦ କରନ୍ତି ।

ସେମାନଙ୍କ ଲାଭର ବାଟ ହରାଇବା ହେତୁ, ବାଳିକାର ମାଳିକ ସମ୍ପୂର୍ଣ୍ଣ କ୍ରୋଧାନ୍ୱିତ ହୋଇ ପାଉଲ ତାଙ୍କ ସଙ୍ଗୀମାନଙ୍କୁ ଅଧିକାରୀ ଲୋକମାନଙ୍କ ସମ୍ମୁଖକୁ ଆଣିଲେ ବେଆଇନ ବ୍ୟବହାର କରୁଥିବା ଦୋଷାରୋପ କରିବା ଦ୍ୱାରା । ସେମାନଙ୍କ ବିରୁଦ୍ଧରେ ଜନତା ଏକତ୍ର ହୋଇ ଉଠିଲେ ସେ ସେମାନେ ପ୍ରହାରିତ ହେଲେ

କାରାଗାରସ୍ଥ କରାଗଲେ । ପାଉଲ ଓ ଶୀଲା ଯେତେବେଳେ ଭିତର କାରାଗାର ମଧ୍ୟରେ ଥିଲେ । ସେହି ରାତ୍ର ଈଶ୍ୱରଙ୍କ ଉଦ୍ଦେଶ୍ୟରେ  ପ୍ରଶଂସା କରିବା ବେଳେ ଭୂମିକମ୍ପ କାରାଗାରରେ ମୂଳଭିତ୍ତିକୁ ଦୋହଲାଇ ଦେଲା ଓ ଦ୍ୱାରମାନ ଉନ୍ମୁକ୍ତ ହେଲା ଏବଂ ସେମାନଙ୍କ ଜଞ୍ଜିର ଫୁଗୁଲା ହେଲା । ବନ୍ଦିମାନେ ରକ୍ଷାପାଇ ପଳାଇ ଯାଇଛନ୍ତି ବୋଲି ମନେକରି କାରାରକ୍ଷକ ଆପଣାକୁ ନିଜ ଖଡ୍ଗ ଦ୍ୱାରା ବଧ କରିବାକୁ ସ୍ଥିର କଲା । ମାତ୍ର ପାଉଲ ଉଚ୍ଚ ସ୍ୱରରେ ତାହାକୁ ଡାକିଲେ ଓ ନିଶ୍ଚୟତା ଦେଲେ ସମସ୍ତ ବନ୍ଦୀମାନେ ଉପସ୍ଥିତ ଅଛନ୍ତି । କାରାରକ୍ଷକ ପାଉଲ ଓ ଶୀଲାଙ୍କୁ ପଚାରିଲେ ପରିତ୍ରାଣ ପାଇବାକୁ ମୋତେ କ'ଣ କରିବାକୁ ହେବ ? ତାହାର ଗୃହକୁ ନେଇ ସେମାନଙ୍କ କ୍ଷତ ସବୁ ଧୋଇ ଏକ ଭୋଜ ସେହି ରାତ୍ର ସମୟରେ ସେମାନଙ୍କୁ ଦେଲେ ଏବଂ ତାଙ୍କର ସମସ୍ତ ପରିବାର ସହିତ ପରିତ୍ରାଣ ପ୍ରାପ୍ତ ହେଲେ ।

ପରବର୍ତ୍ତୀ ପ୍ରାତଃକାଳରେ କାରାରକ୍ଷକଙ୍କ ପାଖକୁ ବାକ୍ୟ ଆସିଲା, ପାଉଲ ଓ ଶୀଲାଙ୍କୁ ମୁକ୍ତ କରିବାକୁ, ମାତ୍ର ପାଉଲ ନୀରବରେ ଚାଲିଯିବାକୁ ମନା କଲେ । ସେ ଅଧିକାରୀମାନଙ୍କଠାରୁ କ୍ଷମା ମାଗିବା ଦାବୀ କଲେ, ଯେଉଁମାନେ ସେମାନଙ୍କୁ (ରୋମୀୟ ପ୍ରଜାମାନଙ୍କୁ) ସର୍ବସାକ୍ଷାତରେ ପ୍ରହାରିତ କରିଥିଲେ ସେମାନଙ୍କ ବିଚାର ନ କରି କାରାଗାର ମଧ୍ୟରେ ପକାଇ ଦେଇଥିଲେ ସେମାନଙ୍କୁ ଏବେ କାରଣ ବିନା ସେମାନେ ପଠାଇ ଦେବାକୁ ଚାହାନ୍ତି । ମୁଖ୍ୟ ବିଚାରକ ଏହି ସମ୍ବାଦ ପାଉଲଙ୍କଠାରୁ ପ୍ରାପ୍ତ ହୋଇ ବହୁତ ଭୟଭୀତ ହୋଇ ପଡ଼ିଲେ, ସେମାନେ ରୋମୀୟ ଲୋକ ଜାଣି । ସେମାନେ ଏହି ଲୋକମାନଙ୍କ ପାଖକୁ ଆସିଲେ ଓ ସେମାନଙ୍କୁ ବିନତି କଲେ ବ୍ୟକ୍ତିଗତ ଭାବେ, ନଗର ପରିତ୍ୟାଗ କରିବାକୁ ପ୍ରାର୍ଥନା କଲେ । ପାଉଲ ଓ ଶୀଲା ତତ୍ପରେ ତାହା ପରିତ୍ୟାଗ କଲେ ଓ ଲୁଦିଆଙ୍କ ଗୃହକୁ ଗଲେ । ସେମାନେ ଉତ୍ସାହିତ ହେଲେ ।

ଥେସଲନୀକୀରେ ଯେତେବେଳେ ସେ ସମାଜଗୃହରେ ପ୍ରଚାର କରିବାକୁ ପ୍ରବେଶ କଲେ ଓ ସେମାନଙ୍କ ସହିତ ଶାସ୍ତ୍ର ଅନୁସାରେ ଯୁକ୍ତି କଲେ । କେତେ ଜଣ ପଶ୍ଚାତ୍‌ଗମନ କଲେ, ମାତ୍ର ଅନେକ ଯିହୁଦୀମାନେ ହିଂସା କଲେ ଓ ଏକ ଜନତା ଦଳ ହୋଇ ସେମାନଙ୍କ ବିରୁଦ୍ଧରେ ଉଠାଇଲେ ବା ଏକ ଦଳ ଗଠନ କଲେ । ସେମାନେ ଥେସଲନୀକୀ ଛାଡ଼ି ବେରିଆରେ ପ୍ରବେଶ କଲେ । ଯେଉଁଠାରେ ସେମାନେ ପୁନର୍ବାର ଯିହୁଦୀମାନଙ୍କ ସମାଜଗୃହରେ ପ୍ରବେଶ କଲେ । ବେରିଆ ଲୋକମାନେ ପାଉଲଙ୍କଠାରୁ ବାକ୍ୟ ଗ୍ରହଣ କଲେ ଓ ସେମାନେ ନିଜେ ଶାସ୍ତ୍ର ଦ୍ୱାରା ଏହା ପରୀକ୍ଷା କଲେ । ପୁନର୍ବାର ବେରିୟାରେ ପାଉଲଙ୍କ ସେବାକାର୍ଯ୍ୟ ବିଷୟ ଶୁଣି ଥେସଲନୀକାରୁ ଯିହୁଦୀମାନେ ଏହି ନଗରରେ ପ୍ରବେଶ କଲେ ସେଠାରେ ମଧ୍ୟ ପୁର୍ନବାର ଜନତାକୁ ମତାଇଲେ ।

ସେଠାରୁ ଗତିକରି ପାଉଲ ଏଥେନ୍ସ (ଏଥିନୀ)ରେ ପ୍ରବେଶ କଲେ, ଯେଉଁଠାରେ ଅଣଯିହୁଦୀ ଶ୍ରୋତାଙ୍କୁ ସେ କଥା କହିଲେ ଯେଉଁମାନଙ୍କର ଶାସ୍ତ୍ରନୁଯାୟୀ କୌଣସି ଜ୍ଞାନ ଓ ସେମାନଙ୍କ ପୃଷ୍ଠଭୂମି ନ ଥିଲା । ସେ

ସେମାନଙ୍କ ମଧ୍ୟରେ ଠିଆ ହେଲେ ଈଶ୍ୱରଙ୍କ ଜ୍ଞାନ ବିଷୟ ସେ ସେମାନଙ୍କୁ କହିଲେ : ଯେଉଁ ଈଶ୍ୱର ଏହି ଜଗତ, ଯାହା ସେ ସୃଷ୍ଟି କରିଥିଲେ ତାହା ଉପଲବ୍ଧ କରିବାରୁ ତାହା ମଧ୍ୟକୁ ନିରୀକ୍ଷଣ କଲେ (ରୋମୀ ୧:୧୯-୨୧) କହିଲେ ସେମାନଙ୍କୁ । ''ଈଶ୍ୱର ସେହି ଅଜ୍ଞାନକାଳ ଉପକ୍ଷୋ କରିଅଛନ୍ତି ସତ୍ୟ, କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି । କାରଣ ଯେଉଁ ଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ଜଗତର ବିଚାର କରିବେ ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି, ଆଉ ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉତ୍‌ଥାପନ କରି ଏ ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ ଦେଇଅଛନ୍ତି ।'' କେତେକ ବିଶ୍ୱାସ କଲେ ଏବଂ ପାଉଲଙ୍କ ସହିତ ଯୋଗ ଦେଲେ । ଯେପରି ସେ କରିନ୍ଥକୁ ଯାତ୍ରା କରିବାରେ ଲାଗି ରହିଥିଲେ ।

୧୬-୧୭ ଅଧ୍ୟାୟରେ ଆମେ ପାଉଲଙ୍କଠାରୁ ସେ ଲୋକମାନଙ୍କ ବିଭିନ୍ନ ଦଳମାନଙ୍କ ମଧ୍ୟରୁ କଥା କହୁଥିବା ଓ ଆଚରଣ କରୁଥିବା ବେଳେ ନିଜକୁ ସଞ୍ଜିତ କରୁଥିଲେ ତାହା ଅପେକ୍ଷା କମ୍ ପରିମାଣରେ ଶିକ୍ଷା କରିଛୁ । ସେ ତୀମଥିଙ୍କୁ ସୁନ୍ନତ କଲେ, ଯିହୁଦୀମାନଙ୍କ ମଧ୍ୟରେ ଅନାବଶ୍ୟକ ଅପମାନ ଉପେକ୍ଷା କରିବାକୁ । ଏପରିକି ସେ ୧୫ ଅଧ୍ୟାୟରେ ସୁନ୍ନତ ବିରୁଦ୍ଧରେ ହୃଦୟର ସହ ଯୁକ୍ତି କରିଥିଲେ । ଏଥିରେ ଯୋଗ କର, ଆମ୍ଭେମାନେ ପରବର୍ତ୍ତୀ ସମୟରେ ତାଙ୍କର ବିଭିନ୍ନ ଶ୍ରୋତାମାନଙ୍କୁ ପ୍ରଯୁଜ୍ୟ ହେଲା ପରି ତାଙ୍କ ବକ୍ତବ୍ୟକୁ ପରିବର୍ତ୍ତନ କରିବାର ଆମେ ଦେଖୁ । ଯେତେବେଳେ ଯିହୁଦୀମାନଙ୍କୁ କଥା କହୁଛନ୍ତି, ସେ ସମାଜଗୃହରେ ପ୍ରବେଶ କରୁଥିଲେ ଓ ସେମାନଙ୍କ ଇତିହାସରେ ଥିବା ସମସ୍ତ ଶିଷ୍ୟମାନଙ୍କୁ ପୁନର୍ବାର ଫେରି ପାଉଥିଲେ । ମାତ୍ର ସେ ଅଣଯିହୁଦୀମାନଙ୍କୁ କଥା କହିବା ବେଳେ ସେ କାରଣ ସହିତ ସୃଷ୍ଟିରେ ଦେଖୁଥିବା ଘଟଣାମାନ ବା ଚିହ୍ନମାନ ବ୍ୟବହାର କରୁଥିଲେ । ପାଉଲ ସର୍ବଦା ସଚେତନ ଥିଲେ ଯେ, ଈଶ୍ୱରଙ୍କ ଆତ୍ମା ତାଙ୍କ ସମ୍ମୁଖରେ ହୃଦୟମାନ ପ୍ରସ୍ତୁତ କରିବାକୁ ଗଲେ ଓ ତାଙ୍କୁ ସାହସ, ଅଧିକ ସାହସିକତା ଓ ଲୋକମାନଙ୍କ ହୃଦୟ ମଧ୍ୟକୁ ଆଭ୍ୟନ୍ତରୀଣ ଦୃଷ୍ଟିପାତ କରିବାକୁ ଦେଲେ ଯାହା ସେ ଜାଣି ନ ଥିଲେ ବା ବୁଝି ନ ଥିଲେ ।

*ପ୍ରଶଂସାରୁ ପଶ୍ଚାତ୍‌ଧାବନ କରିବାକୁ ଶକ୍ତି ଆସେ ।*